# ଦୁର୍ଘଟଣାରେ ଜଣେ ଗୁରୁତର, ଦୁଇ ଆହତ

**ଥୁଆମୂଳରାମପୁର, ୨୪ ।୧(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ଭବାନୀପାଟଣା ମୁଖ୍ୟ ରାସ୍ତାର ଧୁଳିଗୁଡା ଛକ ନିକଟରେ କାର୍-ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ବାଇକ୍ ଚାଳକ ଓ ପଛରେ ବସିଥିବା ବ୍ୟକ୍ତି ଦୁହେଁ ଛିଟିକି ପଡ଼ିଥିଲେ। ଦୁହେଁ ବାଇକ୍ ଆରୋହୀ ହେଉଛନ୍ତି ଥୁଆମୂଳ ଗ୍ରାମର ମହେନ୍ଦ୍ର ପ୍ରଧାନୀ(୪୨)ଏବଂ କାଣିଗୁମା ପଞ୍ଚାୟତର ପୁର୍ବତନ ସରପଞ୍ଚ ସାଗୁ ମାଝୀ(୫୫) ବୋଲି ଜଣାପଡ଼ିଛି। ଶନିବାର ମଧ୍ୟାହ୍ନ ପ୍ରାୟ ୧ ଟା ସମୟର ବୋଲି ସୂଚନା ରହିଛି। ସୂଚନା ମୁତାବକ କାଣିଗୁମା ସାପ୍ତାହିକହାଟ ସାରି ଗାଁକୁ ଫେରୁଥିବା ବେଳେ ଧୁଳିଗୁଡା ଛକ ନିକଟରେ ଥୁଆମୂଳରାମପୁର ଠାରୁ ଭବାନୀପାଟଣା ଅଭିମୁଖେ ଯାଉଥିବା କାର୍ ନଂ-ଓଡି ୦୨ଏଜି୮୮୪୪ ନମ୍ବରର ଗାଡି ସହିତ ସାମ୍ନାସାମ୍ନି ଧକ୍କା ହୋଇଥିଲା। ବାଇକ୍‌ର ପଛ ପଟରେ ବସିଥିବା ସାଗୁ ମାଝୀଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ଫଳରେ ଗୁରୁତର ଅବସ୍ଥାରେ ପଡ଼ିଥିବା ବେଳେ ବାଇକ୍ ଚାଳକ ମହେନ୍ଦ୍ର ପ୍ରଧାନୀ ଆହତ ହୋଇ ଛଟପଟ ହେଉଥିଲେ। ଘଟଣାସ୍ଥଳରେ ଉପସ୍ଥିତ ଲୋକଙ୍କ ସହଯୋଗରେ ଦୁହିଁଙ୍କୁ ସ୍ୱାସ୍ଥ୍ୟ ସ୍ୱରାଜ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ହେଲେ ସାଗୁ ମାଝୀଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ହେଲେ ସଦ୍ୟ ସୂଚନା ମୁତାବକ ସାଗୁ ମାଝୀଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର ପାଇଁ ଡାକ୍ତର ପରାମର୍ଶ ଦେଇଥିବା ଜଣାପଡ଼ିଛି। ଏପଟେ ମହେନ୍ଦ୍ର ପ୍ରଧାନୀ ସ୍ୱାସ୍ଥ୍ୟ ସ୍ୱରାଜ ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ସ୍ୱାସ୍ଥ୍ୟବସ୍ଥା ଠିକ୍ ଥିବା ଜଣାପଡ଼ିଛି। ଅନ୍ୟ ପଟରେ ଥୁଆମୂଳ ରାମପୁର ଭବାନୀପାଟଣା ରାସ୍ତା କୁମୁଡାବାହାଲ୍ ଗ୍ରାମ ବିକାଶ ଶିକ୍ଷା ନିକେତନ ଠାରୁ ଅଳ୍ପ ଦୂରର ଏକ ଛୋଟ ବୁଲାଣିରେ ଭାରସାମ୍ୟ ହରାଇ ଏକ ବାଇକ୍ ରାସ୍ତା କଡର ଦୁଇ ଗଛ ମଧ୍ୟରେ ପଶି ଦୁର୍ଘଟଣା ଘଟିଛି। ତଳଝାପି ପଞ୍ଚାୟତର ଲାଞ୍ଜିଗଡ଼ ଗାଁର ମାର୍କଣ୍ଡ ନାଏକ(୨୫) ମଧ୍ୟାହ୍ନ ସମୟରେ ବାଇକ୍‌ରେ ଗୁଣପୁର ଅଭିମୁଖେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଗଛରେ ପିଟି ହୋଇ ଛିଟିକି ପଡ଼ିଥିଲେ। ହେଲେ ସାମାନ୍ୟ ଆହତ ହୋଇଥିବା ଯୋଗୁଁ ତାଙ୍କ ଘରଲୋକେ ତାଙ୍କୁ ନିଜ ଘରକୁ ନେଇଯାଇଥିବା ଜଣାପଡ଼ିଛି।

# ଅବକାରୀ ଚଢ଼ଉ, ଜଣେ ଗିରଫ

**ଧର୍ମଗଡ଼, ୨୪।୧ (ସମିସ):** ଧର୍ମଗଡ଼ ଅବକାରୀ ବିଭାଗ ତରଫରୁ ଗୋଲାମୁଣ୍ଡା ବ୍ଲକର ଅମଠା ଗାଁରେ ଚଢ଼ଉ କରାଯାଇ ବେଆଇନ ବିଦେଶୀ ମଦ ବିକ୍ରି କରୁଥିବା ଜଣେ ମଦ ବେପାରୀକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଅମଠା ଗାଁର ବରୁଣ ମାଝୀ। ଅଭିଯୁକ୍ତଙ୍କ ଠାରୁ ସମୁଦାୟ ୩୧. ୫୪୦ ଲିଟର ବିଦେଶୀ ମଦ ଜବତ କରାଯାଇଛି। ଏନେଇ ଅବକାରୀ ବିଭାଗ ତରଫରୁ ଅବକାରୀ ଥାନା କେଶ ନମ୍ବର ୧୮୮/୨୫-୨୬ ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଧର୍ମଗଡ଼ ଅବକାରୀ ଅଧିକାରୀ ପ୍ରତିମା ବେହେରା ସୂଚନା ଦେଇଛନ୍ତି। ଚଢ଼ଉରେ ଧର୍ମଗଡ଼ ଅବକାରୀ ଅଧିକାରିଣୀ ପ୍ରତିମା ବେହେରା, ଭୁଜବଳ ପଟେଲ, କର୍ଣ୍ଣ ବାଗ, ଯଶୋବନ୍ତି ଭୋଇ ଏବଂ ୩ ଜଣ ଅବକାରୀ କନେଷ୍ଟବଳ ସାମିଲ ଥିଲେ।

# ବରିଷ୍ଠ ଆଇନଜ୍ଞ ଗୌରୀଶ୍ୟାମ ପଣ୍ଡାଙ୍କ ପରଲୋକ



**ତରଭା, ୨୪।୧(ସମିସ):** ବରିଷ୍ଠ ଆଇନଜ୍ଞ ତଥା ରେଆର ପ୍ରତିଷ୍ଠାତା ଗୌରୀଶ୍ୟାମ ପଣ୍ଡାଙ୍କ ଶନିବାର ଅପରାହ୍ନରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତିରୋଧାନ ହୋଇଯାଇଛି। ସେ ଜଣେ ସଫଳ ଆଇନଜ୍ଞ ହେବା ସହ ସାମାଜିକ ଆନ୍ଦୋଳନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଜାତୀୟସ୍ତରରେ ଉପୋଭୋକ୍ତାବାଦର ସେ ଜଣେ ଆଦ୍ୟ ପ୍ରବକ୍ତା। ଭିନ୍ନକ୍ଷମମାନଙ୍କ ଅଧିକାର ଓ ଉନ୍ନତି ପାଇଁ ଅନବରତ ପ୍ରାୟସରତ। ଏହା ସହିତ ସେ ଅନେକ ସାମାଜିକ ଆନ୍ଦୋଳନ ସହିତ ଜଡିତ ଥିଲେ। କଂଗ୍ରେସ ଦଳର ଜଣେ ବରିଷ୍ଠ ସଦଶ୍ୟ ହେବା ସହିତ ଜିଲ୍ଲା କଂଗ୍ରେସ ସଭାପତି ଭାବେ କାମ କରିଥିଲେ।ସେ ଜାତୀୟ ସ୍ତରରେ ବୌଦ୍ଧିକ ଭିନ୍ନକ୍ଷମ ଅବିଭାବକ ସଂଘ ପରିବାର (ଏନସିପିଓ)ର ଉପଜେଷ୍ଟା, ରାଜ୍ୟ ବୌଦ୍ଧିକ ଭିନ୍ନକ୍ଷମ ଅବିଭାବକ ସଂଘ ( ପରିବାର ଓଡ଼ିଶା ) ର ସଭାପତି, ରାଜ୍ୟ ଚେସ ଆସୋସିଏସନ ର ସଦସ୍ୟ, ଜିଲ୍ଲା ଚେସ ଆସୋସିଏସନ ର ସମ୍ପାଦକ, ଜିଲ୍ଲା କ୍ରୀଡା ସଂଗଠନ ର ପ୍ରତିଷ୍ଠାତା ସଦସ୍ୟ, ଇଙ୍କପେଷ୍ଟ ପ୍ରତିଷ୍ଠାତା ସଦସ୍ୟ, ଜିଲ୍ଲା ବାର ଆସୋସିଏସନର ପୂର୍ବତନ ସଭାପତି, ଜିଲ୍ଲା ରେଡ଼କ୍ରସ ସୋସାଇଟିର ଉପସଭାପତି ତଥା ଅନେକ ଜିଲ୍ଲା ଓ ରାଜ୍ୟର ବିଭିନ୍ନ ସଂଗଠନର ପ୍ରମୁଖ ସଦସ୍ୟ ଭାବରେ କାର୍ଯ୍ୟ କରିଥିଲେ।ତାଙ୍କ ବିୟୋଗରେ ସୁବର୍ଣ୍ଣପୁର ଜିଲ୍ଲା ବାସୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି।

# ବନମାଳୀ ପୃଷ୍ଟିଙ୍କ ପରଲୋକ

**ମୁରିବାହାଲ, ୨୪।୧(ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଗୁଡିଘାଟ ପଞ୍ଚାୟତ ଘୁଷୁରାମୁଣ୍ଡା ଗ୍ରାମର ବରିଷ୍ଠ ବିଜେଡି ନେତା ଦିଲୀପ କୁମାର ପୃଷ୍ଟି



ବାପା ବନମାଳୀ ପୃଷ୍ଟିଙ୍କ ୮୬ବର୍ଷ ବୟସରେ ଶୁକ୍ରବାର ରାତି ୧୨ ସମୟରେ ପରଲୋକ ହୋଇଯାଇଛି। ତାଙ୍କ ୨ ପୁଅ, ଦିଲୀପ, ସନ୍ତୋଷ ଓ ଝିଅ, ନାତି ନାତୁଣୀ, ବନ୍ଧୁ ବାନ୍ଧବ ଉପସ୍ଥିତ ଥିଲେ। ଗାଁ ମଶାଣିରେ ତାଙ୍କର ଅନ୍ତିମ ସତ୍କାର କରାଯାଇଥିଲା। ମୁଖାଗ୍ନି ବଡ଼ ପୁଅ ଦିଲୀପ ମୁଘାଗ୍ନି ଦେଇଥିଲେ। ପରଲୋକ ଖବର ପାଇ ପୂର୍ବତନ ବ୍ଲକ ଅଧ୍ୟକ୍ଷ ହଂସ ରାଜ ଜୈନ, ଅବସରପ୍ରାପ୍ତ ବ୍ଲକ କମାଣ୍ଡୋ ତଥା ବିଜେଡି ଯୁବନେତା ଗିରିରାଜ ସିଂ ମାଝୀ, ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଅନ୍ତିମ ସତ୍କାରରେ ସାମିଲ ଥିଲେ।

## ହାତୀ ମୃତ୍ୟୁ ପରେ ଜଘନ୍ୟ ଆଚରଣର କରୁଣ ଦୃଶ୍ୟ

# ମୃତ ହାତୀର ଶରୀରକୁ ଖଣ୍ଡଖଣ୍ଡ କରିଦେଲେ

**ଭବାନୀପାଟଣା, ୨୪।୧(ସମିସ)**

ବାଲିଗୁଡ଼ା ବନଖଣ୍ଡ ଅଧିନରେ ରହିଥିବା ହାତୀ ଅଭୟାରଣ୍ୟର ବେଲଘର ରେଞ୍ଜରେ ହାତୀ ଅସୁରକ୍ଷିତ ହୋଇ ପଡ଼ିଛନ୍ତି। ସେଠାରେ ଇତି ମଧ୍ୟରେ ଦୁଇ ଦୁଇଟି ହାତୀର ମୃତ୍ୟୁ ଖବର କନ୍ଧମାଳ ଜିଲ୍ଲାରେ ଯେତିକି ଚର୍ଚ୍ଚା ପାଲଟିଛି କଳାହାଣ୍ଡି ଜିଲ୍ଲାରେ ମଧ ମୃତହାତୀକୁ ନେଇ ଘଟଣା ଅଧିକ ରୋଚକ ମୋଡରେ ଗତି

## ୪କଟା ଗୋଡ଼, ଶୁଣ୍ଢ, ମୁଣ୍ଡରୁ ଫାଳେ, ଲାଞ୍ଜ ଏବଂ ପଞ୍ଜରା ହାଡ଼ ଦୁଇଖଣ୍ଡ; ହାତୀ ଚମଡା ଉଦ୍ଧାର

କରୁଛି। ଜାନୁୟାରୀ ୫ ତାରିଖରେ କନ୍ଧମାଳ ଜିଲ୍ଲା ବେଲଘର ଅଞ୍ଚଳର ଝିରିପାଣି ପଞ୍ଚାୟତ ସିମିଲିପଦର ନିକଟସ୍ତ ମୁଣ୍ଡୁଟି ଜଙ୍ଗଲରେ ଏକ ହାତୀର ମୃତ୍ୟୁ ଘଟିଥିଲା। ଜାନୁୟାରୀ ୫ ତାରିଖରେ ଯେଉଁ ହାତୀର ମୃତ୍ୟୁହୋଇଛି ସେ ହାତୀର ଖଣ୍ଡବିଖଣ୍ଡିତ ଶରୀର କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ତହଁସିର ଗ୍ରାମ ନିକଟ ଡ୍ୟାମଠାରେ ପୋତି ଦିଆଯାଇଥିଲା। ବାଲିଗୁଡା ବନ ବିଭାଗ ଘଟଣାର ଖୋଳତାଡ କରି କେସିଙ୍ଗା ଅଞ୍ଚଳରେ ପହଞ୍ଚିଥିଲେ। ପୋତାଯାଇଥିବା ଅଞ୍ଚଳକୁ ଜେସିବି ଦ୍ୱାରା ଖୋଲାଯାଇ ହାତୀର ମୃତ ଶରୀରର କିଛି ଅଂଶ ଉଦ୍ଧାର ହୋଇଥିଲା। ବନ ବିଭାଗ ପକ୍ଷରୁ କଳାହାଣ୍ଡି ପ୍ରାଣୀ ସମ୍ପଦ ବିଭାଗକୁ ସାମ୍ପଲ ସଂଗ୍ରହ ପାଇଁ ଚିଠି ହୋଇଥିଲା। ଘଟଣା ସ୍ଥଳରେ ପ୍ରାଣୀ ସମ୍ପଦ ବିଭାଗ ଅଧିକାରୀ ଓ କର୍ମଚାରୀ ପହଞ୍ଚି ସାମ୍ପଲ ସଂଗ୍ରହ କରିଥିଲେ। ହାତୀ ମୃତ୍ୟୁର ୧୬ଦିନ ବିତିଯିବା ପରେ କେସିଙ୍ଗା ନିକଟସ୍ଥ ତହଁସିର ଗ୍ରାମରେ ହାତୀର ଦେହାବଶେଷ ପୋତା ହୋଇଥିବା ଖବର ବନ ବିଭାଗ ଜାଣିଥିଲେ। ତେଣୁ ସାମ୍ପଲ ସଂଗ୍ରହ କାର୍ଯ୍ୟ ବିଭାଗ ଦ୍ୱାରା କରାଯାଇଛି। ହାତୀର ମୃତ୍ୟୁ କିପରି ହୋଇଛି ଆଜି ପର୍ଯ୍ୟନ୍ତ ବାଲିଗୁଡା ବନ ବିଭାଗ ନିକଟରେ କୌଣସି ତଥ୍ୟ ନାହିଁ ବୋଲି ଦର୍ଶାଉଛନ୍ତି। କିନ୍ତୁ କି ପ୍ରକାର କଦର୍ଯ୍ୟରୂପେ ମୃତ ହାତୀକୁ ଖଣ୍ଡ ଖଣ୍ଡ କରାଯାଇଛି ତାହା ବାସ୍ତବିକ ହୃଦୟବିଦାରକ ଦୃଶ୍ୟ ହୋଇଥିଲା। ଅତି ନିର୍ମମଭାବେ ହାତୀକୁ କଟାଯାଇଛି। ୭ଫୁଟ ତଳୁ ଖୋଳାଯାଇ ଦେଖିବାକୁ ମିଳିଥିଲା ମୃତହାତୀର ୪ଟି କଟା ଗୋଡ, ଶୁଣ୍ଢ, ଲାଞ୍ଜ, ମୁଣ୍ଡର ଫାଳେ ଖପୁରୀ, ପଞ୍ଜରା ହାଡ ୨ଟି ଏବଂ କିଛି ଚମଡା ଓ ପଚା ମାଂସ।





ବଳକା ଶରୀର ବୋଧେ କନ୍ଧମାଳ ଅଞ୍ଚଳରେ ପୋତାଯାଇଥିଲା। ହାତୀର ଶବ ବ୍ୟବଚ୍ଛେଦ ହୋଇଛି କି ନାହିଁ ଜଣା ପଡ଼ିନାହିଁ, କିନ୍ତୁ କଳାହାଣ୍ଡି ଓ କନ୍ଧମାଳରୁ ସାମ୍ପଲ ସଂଗ୍ରହ କରାଯାଇଛି। ଶବ ବ୍ୟବଚ୍ଛେଦ ନହେଲେ ହାତୀ ମୃତ୍ୟୁର କାରଣକୁ ନେଇ କେଉଁ ସିଦ୍ଧାନ୍ତରେ ପହଞ୍ଚିବ ବନ ବିଭାଗ ତାହା ଏବେ ବଡ ପ୍ରଶ୍ନ ଦୃଷ୍ଟି କରିଛି। ଏହି ଘଟଣା ପ୍ରଘଟ ହେବାପରେ ବନ ବିଭାଗ ଉଚ୍ଚ ପଦସ୍ଥ ଅଧିକାରୀ ଚିନ୍ତା ବଢ଼ାଇ ଦେଇଥିଲା। ଜଏଣ୍ଟ ଟାସ୍କ ଫୋର୍ସ ପହଞ୍ଚି କିଛି ସାମ୍ପଲ ସଂଗ୍ରହ କରିଥିଲେ। କଳାହାଣ୍ଡିରେ ମଧ କିଛି ସାମ୍ପଲ ସଂଗ୍ରହ କରାଗଲା। ତାପରେ ବନବିଭାଗ ହାତୀ ମୃତ୍ୟୁ ମାମଲାକୁ କି ରୂପ ଦେଉଛି ତାହା ଆଗକୁ ସ୍ପଷ୍ଟ ହେବ। ସୂଚନାରୁ ଜଣାପଡ଼ିଛି ଡେପୁଟି ରେଞ୍ଜର ବିନୟ କୁମାର ବିଶିଙ୍କୁ ଏହି ମାମଲାରେ ନିଲମ୍ବିତ କରାଯାଇଛି। ଗତକାଲି ମୃତ ହାତୀକୁ ଯେଉଁ ପିକପ ଭ୍ୟାନ ଗାଡିରେ କେସିଙ୍ଗା ଅଣାଯାଇଥିଲା ସେହି ଗାଡିର ଡ୍ରାଇଭରକୁ ଗିରଫ କରି ଜେଲକୁ ବନ ବିଭାଗ ପଠାଇଛି। ଅନ୍ୟପକ୍ଷରେ ଘଟଣାର ସିଧାସଳଖ ସମ୍ପୃକ୍ତ ଥିବା ଡେପୁଟି ରେଞ୍ଜର ଫେରାର ହୋଇଯାଇଥିବା କୁହାଯାଉଛି। ଏତେବଡ ସ୍ପର୍ଶକାତର ଘଟଣାରେ ଜଣେ ଡ୍ରାଇଭରକୁ ଗିରଫ କରି ବନ ବିଭାଗ ଯଦି ଚୁପ ହୋଇଯିବେ ତାହା ଦୁର୍ଭାଗ୍ୟଜନକ ପରିସ୍ଥିତିକୁ ଆମନ୍ତ୍ରଣ କରିବାଛଡ଼ା ଆଉ କିଛି ନୁହେଁ। କାରଣ ହାତୀ ମୃତ୍ୟୁ ପରେ ଆରମ୍ଭରୁ ଘଟଣାକୁ ଚପେଇଦେବା ପାଇଁ ବଡ ଧରଣର ଷଡଯନ୍ତ୍ର କରାଯାଇଛି। ଡେପୁଟି ରେଞ୍ଜରଙ୍କ ଘର କେସିଙ୍ଗା ବ୍ଲକ ତହଁସିର ଗ୍ରାମ। ସେଥିପାଇଁ ପ୍ରାଣ ବିକଳରେ ମୃତହାତୀ ଶରୀରର କିଛି ଅଂଶ କଳାହାଣ୍ଡି ନେଇ ଆସିଥିଲେ। ତଥାପି ଶେଷରେ ସବୁକଥା ଜଣାପଡ଼ିଥିଲା। ବନ ବିଭାଗ ଡେପୁଟି ରେଞ୍ଜର ବିନୟ ବିଶି ନିଲମ୍ବିତ ହେଲେ। ଏହି ମାମଲାରେ ଜଣେ ଏସିଏଫ୍ ଘଟଣାକୁ ଭିନ୍ନ ବାଟରେ ନେବାକୁ ଅପଚେଷ୍ଟା କରିବା ସମଗ୍ର ଘଟଣାରେ ବନ ବିଭାଗର ବଡ ବଡ଼ିଆଙ୍କ ଆଡକୁ ଅଙ୍ଗୁଳିନିର୍ଦ୍ଦେଶ ହେଉଛି।

# ଭୀମଭୋଇ ଲୋକ ମହୋତ୍ସବ ସଙ୍ଗୀତ ଉନ୍ମୋଚନ



**ରେଢ଼ାଖୋଲ, ୨୪।୧(ସମିସ):** ରେଢ଼ାଖୋଲ ଆଦ୍ୟାଶା ମ୍ୟୁଜିକ ପକ୍ଷରୁ ଭୀମଭୋଇ ଲୋକ ମହୋତ୍ସବ ଉପରେ ହିନ୍ଦୀ ସଙ୍ଗୀତ ରେଢ଼ାଖୋଲ କି ସାନକୁ ଆନୁଷ୍ଠାନିକ ଭାବେ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତ ଲୋକାର୍ପଣ କରିଛନ୍ତି। ସ୍ଥାନୀୟ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଲୋକାର୍ପଣ କରି ଭୀମଭୋଇ ଲୋକ ମହୋତ୍ସବ ଉପରେ ଏହି ସଙ୍ଗୀତକୁ କରିଥିବାରୁ ପ୍ରଯୋଜନା ସଂସ୍ଥାକୁ ଧନ୍ୟବାଦ ଦେଇଥିବା ବେଳେ ସଙ୍ଗୀତ ଅତ୍ୟନ୍ତ ଉଚ୍ଚକୋଟୀର ହୋଇଛି ବୋଲି ଶ୍ରୀ ମହନ୍ତ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ରେଢ଼ାଖୋଲ ଏନ୍ଏସି ଅଧ୍ୟକ୍ଷ ଶିବରାମ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଦ୍ୟାଶା ମ୍ୟୁଜିକର ପ୍ରଯୋଜିକା ରଶ୍ମିତା ରାଉତ, ଗୀତ ରଚନା ଏବଂ ନିର୍ଦ୍ଦେଶନା ଦେଇଥିବା ସରୋଜ କୁମାର ରାଉତଙ୍କୁ ଅଭିନନ୍ଦନ ସହ ଧନ୍ୟବାଦ ଦେଇଥିଲେ।

## ଜାତୀୟସ୍ତରରେ ଡେଡ୍ ଲିଫ୍ଟିଙ୍ଗ ଚାମ୍ପିଅନସିପ

# ଅଭୟକୁ ବ୍ରୋଞ୍ଜ ପଦକ

**କୁଚିଣ୍ଡା, ୨୪।୧ (ସମିସ):** ହରିଦ୍ୱାର ଠାରେ ଆୟୋଜିତ ହୋଇଥିବା ଜାତୀୟସ୍ତରୀୟ ସବ ଜୁନିଅର ଡେଡ୍ ଲିଫ୍ଟିଙ୍ଗ ପ୍ରତିଯୋଗିତାରେ ବାମରାର ଜଣେ ବାଳକ କୃତିତ୍ୱ ଅର୍ଜନ କରିଥିବା ବେଳେ ତାଙ୍କୁ ବିଭିନ୍ନ ମହଲରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସୂଚନା ଅନୁସାରେ ଗତ ୧୮ ରୁ ୨୧ ତାରିଖ ମଧ୍ୟରେ ହରିଦ୍ୱାର ଠାରେ ସୁବ୍ରତ କ୍ଲାସିକ ପାୱାର ଲିଫ୍ଟିଙ୍ଗ ଆଣ୍ଡ ନ୍ୟାସନାଲ ଡେଡ ଲିଫ୍ଟିଙ୍ଗ ଚାମ୍ପିଅନସିପ ଆୟୋଜିତ ହୋଇଥିଲା। ଉକ୍ତ ପ୍ରତିଯୋଗିତାରେ ସମ୍ବଲପୁର ଜିଲ୍ଲା ବାମରା କ୍ଷେତ୍ରସନବସ୍ତିର ଅବସରପ୍ରାପ୍ତ ସୈନ୍ୟ ଯବାନ ଅଚିନ୍ତା ରୋଏ ଏବଂ ସନ୍ତୋସି ରୋଏଙ୍କ ପୁଅ ଅଭୟ କୁମାର ରୋଏ ଡେଡ ଲିଫ୍ଟିଙ୍ଗରେ ୫୯ କେଜି ଓଜନ ଓଠାଇ ବ୍ରୋଞ୍ଜ ପଦକ ପାଇଛନ୍ତି। ସେ ଆଜି ବାମରାକୁ ଆସି ପହଞ୍ଚିଥିବା ବେଳେ ତାଙ୍କୁ ଅପରାହ୍ନ ୪ ଟାରେ ତାଙ୍କ ଶୁଭେଚ୍ଛୁମାନେ ଅଭିନନ୍ଦନ ଜଣାଇଛନ୍ତି।

# ଖନ୍ଦାଢ଼ିପ ପିଏମଶ୍ରୀ ବିଦ୍ୟାଳୟରେ ଜାତୀୟ ବାଳିକା ଦିବସ

**ରେଢ଼ାଖୋଲ, ୨୪।୧ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଖନ୍ଦାଢ଼ିପ ପିଏମଶ୍ରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶନିବାର ଦିନ ଜାତୀୟ ବାଳିକା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅନିତା ପ୍ରଧାନଙ୍କ ଅଧକ୍ଷତା କାର୍ଯ୍ୟକ୍ରମରେ ଅତିଥି ଭାବରେ ଅବସର ପ୍ରାପ୍ତ ପୂର୍ବତନ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ନରୋତ୍ତମ ପୁରୋହିତ, ପୂର୍ବତନ ରାଣୀ ଅନ୍ନପୂର୍ଣ୍ଣା ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ପାଣିଗ୍ରାହୀ, ପୂର୍ବତନ ଖନ୍ଦାଢ଼ିପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ପାଣିଗ୍ରାହୀ, ପରିଚାଳନା କମିଟି ସଭାପତି ମହାବୀର ସିଂ ଦେଓ, ସଭ୍ୟା ରାଜଶ୍ରୀ ମହାନ୍ତି, ଗୀତାଞ୍ଜଳି ମହାକୁଡ଼, ମଧୁସ୍ମିତା ବିଶାଳ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଙ୍କୁ



ଉତ୍ସାହିତ କରିଥିଲେ। ବିଦ୍ୟାଳୟର ଛାତ୍ରୀଙ୍କୁ ନେଇ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# କୁଚିଣ୍ଡା ମହାବିଦ୍ୟାଳୟ ବିଜ୍ଞାନ ସମାଜର ବାର୍ଷିକ ଉତ୍ସବ




**କୁଚିଣ୍ଡା, ୨୪।୧(ସମିସ):** କୁଚିଣ୍ଡା ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ବିଜ୍ଞାନ ସମାଜର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ମନୋଜ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଆସିଷ୍ଟାଣ୍ଟ ପ୍ରଫେସର ରୁଦ୍ରନାରାୟଣ ସାହୁ ଏନ୍ଆଇଟି ରାଉରକେଲା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଅଣୁ ପରିମାଣୁର ସୃଷ୍ଟି ଓ ତାର ତାତ୍ପର୍ଯ୍ୟ ଓ ସମାଜ ଗଠନରେ ବିଜ୍ଞାନର ଆବଶ୍ୟକତା ତଥା ବିଜ୍ଞାନର ବ୍ୟବହାର ସମ୍ବନ୍ଧରେତଥ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଉପସଭାପତି ଅଧ୍ୟାପିକା ମଞ୍ଜୁଶ୍ରୀ ଦାଶ, ଅଧ୍ୟାପକ ଦେବଦତ୍ତ ଭୋଇ, ଝରଣାମୟି ସୁନା, ସତ୍ୟମ ପଟେଲ, ଋତୁପ୍ରିୟା ନାଏକ, ଯତିନ୍ଦ୍ର ଦାଣ୍ଡିଆ, ରୋମି ପଟେଲ, ଜିତେନ୍ଦ୍ର ସାହୁ, ଲାଇବ୍ରେରିଆନ କିଶୋର ମହାକୁଳ, ଛାତ୍ର ପ୍ରତିନିଧି ଭାବେ ଉତ୍କଳ ସ୍ମୃତି ବିଶ୍ୱାଳ ପ୍ରମୁଖ ପ୍ରମୁଖ ଉପସ୍ଥିତ ରହିଥିଲେ। ଛାତ୍ରଛାତ୍ରୀ, ଅଧ୍ୟାପକଙ୍କ ମଧ୍ୟରେ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଗରୁ ହୋଇଥିବା ବିଭିନ୍ନ ପ୍ରକାର ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଯୁକ୍ତ ଦୁଇ ଏବଂ ଯୁକ୍ତ ତିନି ଉଭୟ ବିଭାଗର ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ଅଧ୍ୟାପକ ନିର୍ମଳ ଉର୍ମା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଖୁର୍ସିଦଆରା ବେଗମ ଧନ୍ୟବାଦ ଅର୍ପଣ କରିଥିଲେ।

# ଜୋନ୍‌ସ୍ତରୀୟ ଯାଦବ ସମାଜର ସମ୍ମିଳନୀ

**କୋକସରା, ୨୪।୧(ସମିସ) :** ଆମପାଣି ଜୋନ୍ ସ୍ତରୀୟ ଯାଦବ ସମାଜର ସମ୍ମିଳନୀ ଶନିବାର କୋକସରା ବ୍ଲକ ବଡକେନ୍ଦୁଗୁଡା ସ୍ଥିତ ଝାରବନ୍ଦ ଶୈବପୀଠ ଠାରେ ଅନୁଷ୍ଠିତ ହୋଇଛି। ଜୋନ୍ ସ୍ତରୀୟ ସଭାପତି ଆନନ୍ଦ ଗୋପାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ପୂର୍ବତନ ବିଧାୟକ ତଥା ବରିଷ୍ଠ ସମାଜସେବୀ ମୌଷଧି ବାଗ, ବ୍ଲକ ଯାଦବ ସମିତିର ସଭାପତି ଦ୍ୱାରିକାନାଥ ବାଗ ଯୋଗଦେଇ ସମାଜର ସାମ୍ବିଧାନିକ ନିତି ନିୟମ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋକପାତ କରିଥିଲେ। ବ୍ଲକ ଯାଦବ ସମ୍ପାଦକ ବିଦ୍ୟାଧର ଗହୀର, କୋଷାଧକ୍ଷ ଗଣେଶ୍ୱର ପୁଞ୍ଜି, ମୋଟେର ଜୋନ ଉପସଭାପତି ଲିଙ୍ଗରାଜ ବେହେରା, ଯୁଗ୍ମ ସମ୍ପାଦକ ଲଛମନ ନାୟକ, ମୋଟେର ଜୋନ ସହ ସମ୍ପାଦକ ମନିଜର ପୋଡ ପ୍ରମୁଖ ଯୋଗ ଦେଇଥିଲେ। ସମ୍ମିଳନୀରେ ବରାଡଙ୍ଗା ଆଞ୍ଚଳିକ ସମ୍ପାଦକ ପ୍ରଶନ୍ନ ବାରିକ, ବଡ଼ପୋଡ଼ାଗୁଡ଼ା ଆଞ୍ଚଳିକ ସଭାପତି ଘାସିରାମ ନାଏକ, କାଉଡୋଲା ସଭାପତି ଅର୍ଜୁନ ଭାଟି, ସମ୍ପାଦକ ଗଣପତି ହଂସ, ସୁନ୍ଦର କଟା, କର୍ମଚାରୀ ସଂଘ ବ୍ଲକ ସମ୍ପାଦକ ଗୌରାଙ୍ଗ ନାଗ, ମହିମା ଆଞ୍ଚଳିକ ସମ୍ପାଦକ ରୁପେଶ ଚଣ୍ଡୀ, ସାନପୋଡାଗୁଡା ସମ୍ପାଦକ ନାଗେଶ୍ୱର ଗୋପାଳ, ଗୋତମୁଣ୍ଡା ସଭାପତି ତରୁଣ ଗୋପାଳ ପ୍ରମୁଖ ଯୋଗ ଦେଇଥିବା ବେଳେ ଆମପାଣି ଜୋନ୍ ର ୭ ଗୋଟି ଆଞ୍ଚଳିକ ସମାଜର ବିଭିନ୍ନ ଭାତ କମିଟିର କର୍ମକର୍ତ୍ତା ମାନେ ଯୋଗ ଦେଇଥିଲେ। ଗୌରାଙ୍ଗ ନାଗଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ କାର୍ଯ୍ୟକ୍ରମକୁ ପଦ୍ମବନ ବେମାଲ ପରିଚାଳନା କରିଥିଲେ। ଆମପାଣି ଜୋନ୍ କର୍ମଚାରୀ ସଂଘ ସଭାପତି ମାରଗୁଣିଆ ନାଗ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଏନ୍‌ସିସି କ୍ରିକେଟ ଟୁର୍ଣ୍ଣାମେଣ୍ଟ; ବଡବନ୍ଧ ସେମିଫାଇନାଲକୁ ଉନ୍ନିତ

**ଦେଓଗାଁ, ୨୪।୧ (ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ସିଂହାମୁଣ୍ଡା ଖେଳପଡ଼ିଆରେ ଚାଲିଥିବା ୨୭ତମ ଜିଏନସିସି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶନିବାର ତୃତୀୟ ଦିବସରେ ଦେଓଗାଁ ଓ ବଡବନ୍ଧ ମଧ୍ୟରେ କ୍ୱାଟରଫାଇନାଲ ମ୍ୟାଚ୍ ହୋଇଥିଲା। ବଡବନ୍ଧ ଦଳ ବିଜୟୀ ହୋଇ ତୃତୀୟଦଳ ଭାବେ ସେମିଫାଇନାଲକୁ ପ୍ରବେଶ କରିଛି। ଖେଳକୁ ଅଜିତ ଓ ଦୀପକ ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂ ଦେଓ ଯୋଗଦେଇ ବ୍ଲକରେ କ୍ରୀଡାର ବିକାଶ ପାଇଁ ସମସ୍ତ ପ୍ରକାରର ଉଦ୍ୟମ କରାଯିବ ବୋଲି ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ବିଧାୟକଙ୍କ ବ୍ଲକ ପ୍ରତିନିଧି ଶୁଶିଳ କୁମାର ଚାନ୍ଦ, ସରପଞ୍ଚ ସଂଘର ସଭାପତି ଗୋପାଳ ଚନ୍ଦ୍ର ମିଶ୍ର, ଯୁବନେତା ଦୀପକ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ସୋମବାର ଦିନ ଫାଇନାଲ ଖେଳ ଅନୁଷ୍ଠିତ ହେବା ବୋଲି ଆୟୋଜକ ସୂତ୍ରରୁ ପ୍ରକାଶ।

# ଜ୍ୟୋତିସ୍ପୋର୍ଟିଂ କ୍ରିକେଟ କ୍ଲବ୍‌ର ଚତୁର୍ଥ ଦିବସ ପ୍ରତିଯୋଗିତା

**ବିରମହାରାଜପୁର, ୨୪।୧ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ କେନଝରିଆପାଲି ହାଇସ୍କୁଲ ପଡ଼ିଆରେ ଜ୍ୟୋତିସ୍ପୋର୍ଟିଂ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ୧୯ ତମ କ୍ରିକେଟ କପ୍‌ର ଶନିବାର ଚତୁର୍ଥ ଦିବସରେ ପ୍ରଥମ ମ୍ୟାଚ୍ କେନଝରିଆପାଲି ଓ ବୀରସିଂହପୁର ମଧ୍ୟରେ ହୋଇଥିଲା। ପ୍ରଥମେ କେନଝରିଆପାଲି ଦଳ ବ୍ୟାଷଟିଙ୍ଗ କରି ୮ ଓଭରରେ ୩ ଉଇକେଟ ହରାଇ ୧୪୧ରନ କରିଥିଲା ଜବାବରେ ବୀରସିଂହପୁର ଦଳ ୮ ଓଭର ୫ଉଇକେଟ ହରାଇ ୭୧ରନ କରି ପରାସ୍ତ ହୋଇଥିଲା। ଦ୍ୱତୀୟ ମ୍ୟାଚ୍ ସାମସିଙ୍ଗା ଓ ତ୍ରିବଣପୁର ମଧ୍ୟରେ ହୋଇଥିଲା ପ୍ରଥମେ ତ୍ରିବଣପୁର ଦଳ ବ୍ୟାଟିଂ କରି ୮ ଓଭରରେ ୬ଉଇକେଟ ହରାଇ ୯୪ରନ କରିଥିଲକ୍ଷ ଜବାବ ରେ ସାମସିଙ୍ଗାଦଳ ୪ଓଭର ୫ ଟି ବଲରେ ୨ ଉଇକେଟ ହରାଇ ୯୫ରନ କରି ବିଜୟୀ ହୋଇଥିଲା ପ୍ରଥମ ମ୍ୟାଚର ବିଜେତା କେନଝରିଆପାଲି ଓ ଦ୍ୱତୀୟ ମ୍ୟାଚର ବିଜେତା ସାମସିଙ୍ଗା ମଧ୍ୟରେ ମ୍ୟାଚ୍ ହୋଇଥିଲା ଏଥିରେ ପ୍ରଥମେ କେନଝରିଆପାଲି ଦଳ ବ୍ୟାଟିଂ କରି ୬ ଓଭରରେ ୪ଉଇକେଟ ହରାଇ ୩୮ ରନ କରିଥିଲା ଜବାବରେ ସାମସିଙ୍ଗାଦଳ ୩ଓଭର ୪ଟି ବଲରେ ୨ ଉଇକେଟ ହରାଇ ୪୦ରନ କରି ବିଜୟୀ ହୋଇଥିଲା ଫଳରେ ସାମସିଙ୍ଗା ଦଳ କେନଝରିଆପାଲି ଦଳକୁ ହରାଇ ଚତୁର୍ଥ ଦଳ ଭାବରେ ସେମିଫାଇନାଲରେ ପ୍ରବେଶ କରିଛି। ଅଶ୍ୱିନୀ ସାହୁଙ୍କ ସଂଯୋଜନାରେ ପୁରସ୍କାର ବିତରଣୀ ଉତ୍ସବରେ କେନଝରିଆପାଲି ପୂର୍ବତନ ସମିତି ସଭ୍ୟ ରୁଷଭ ପଧାନ ଓ କମିଟିର ବରିଷ୍ଠ ଖେଳାଳି ବୀରେନ୍ଦ୍ର ପଧାନ ଅତିଥି ଭାବରେ ଯୋଗଦେଇ ଥିଲେ। ଖେଳକୁ ପରିଚାଳନା ତରଣୀସେନ ପଧାନ, ପ୍ରବୀଣ ଦେହୁରୀ, ବେଣୁଧର ପଧାନ. ସର୍ବେଶ୍ୱର ପଧାନ, ପିଣ୍ଟୁ ମେଣ୍ଡିଲି, ଆଶୁତୋଷ ପଧାନ, ମିଥୁନ କର୍ଣ୍ଣ, ଦୀନବନ୍ଧୁ ନାଏକ, ନୟନ କର୍ଣ୍ଣ, ସାବ୍ୟକାନ୍ତ ଦେହୁରୀ, ପ୍ରଶାନ୍ତ ପଧାନ, ସୁଶାନ୍ତ ମେଣ୍ଡିଲ, ନୃପତି ପଧାନ, ଅଭିଷେକ କର୍ଣ୍ଣ, ଗଙ୍ଗାଧର ରଣା, ଆମ୍ପାୟର ଓ ସଚୀନ ଦେହୁରୀ ଓ ପୃଥ୍ୱୀରାଜ ମହାକୁର, ବେଦ ବ୍ୟାସ କର୍ଣ୍ଣ ସ୍କୋରର, ଝସକେତନ ରଣା ଓ ଇନ୍ଦ୍ରଜିତ ଦାଶ ଧାରାବିରଣୀ ପ୍ରଦାନ କରିଥିଲେ।

## ନାରାୟଣନଗର ଯୁଗ୍ମ ମନ୍ଦିର ପ୍ରତିଷ୍ଠା ଉତ୍ସବ

# ଜଳନ୍ଧର ଦରବାରରେ ସାଂସ୍କୃତିକ କାର୍ଯ୍ୟକ୍ରମ

**ଜହ୍ନାପଙ୍କ, ୨୪।୧(ସମିସ)**

ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ନାରାୟଣନଗର ଠାରେ ଶ୍ରୀଜଗନ୍ନାଥ ଓ ଶ୍ରୀରାମଙ୍କ ଭବ୍ୟ ଯୁଗ୍ମ ମନ୍ଦିରର ବାର୍ଷିକ ପ୍ରତିଷ୍ଠା ଉତ୍ସବର ପଞ୍ଚମ ଦିବସରେ ମିନକ୍ଷବଜାର, ସାମାଜିକ ନାଟକ ଓ ଜଳନ୍ଧର ଦରବାର ଅନୁଷ୍ଠିତ ହୋଇଛି। ଚାରିଦିନ ଧରି ଅନୁଷ୍ଠିତ ହୋଇଥିବା ପ୍ରବଚନ ଓ ତିନି ଦିନ ଧରି ଅନୁଷ୍ଠିତ ପରାୟଣ ମଧ୍ୟ ଉଦ୍‌ଯାପିତ ହୋଇଯାଇଛି। ସେହିପରି ତିନିଦିନ ଧରି ଅନୁଷ୍ଠିତ ହୋଇଥିବା ଚବିଶ ପ୍ରହରୀ ନାମଯଜ୍ଞ ମଧ୍ୟ ଉଦ୍‌ଯାପିତ ହୋଇଯାଇଛି। ଦିନ ୧୦ ଟାରେ ଗ୍ରାମର ସମସ୍ତ ମହିଳା ପୁରୁଷ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିଥିଲେ। ରାତିରେ ଜଳନ୍ଧର ଦରବାର ଆରମ୍ଭ ହୋଇଥିଲେ। ଜଳନ୍ଧର ମନରଞ୍ଜନ ଚିର୍ଗୁଣ, ମହାମନ୍ତ୍ରୀ ପ୍ରସନ୍ନ ନାଥ, ଶିବ କୃଷ୍ଣ ଚନ୍ଦ୍ର ବାରିକ, ବିଭୀଷଣ ଦଣ୍ଡସେନା, ରାଜ ପ୍ରହରୀ ଆଶିଷ ବାଘ, ବିଷ୍ଣୁ ବିଜୟ କୁମାର ଷକ୍ଷଣ୍ଢ, ଇନ୍ଦ୍ର ଗୋବର୍ଦ୍ଧନ ଚିରଗୁଣି, ପାର୍ବତୀସନ୍ଧ୍ୟାରାଣୀ ପ୍ରମୁଖ ଅଭିନୟ କରିଥିଲେ। ମନ୍ଦିର କମିଟିର ଉପଦେଷ୍ଟା ଭୋଲାଗିରି ସାହୁଙ୍କ ସଭାପତିତ୍ୟରେ ରାଜ ଦରବାରରେ ମୁଖ୍ୟଅତିଥି ଭାବେ ଜହ୍ନାପଙ୍କ ଫାଣ୍ଡି ଅଧିକାରୀ ବ୍ରହ୍ମକ୍ଷନନ୍ଦ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଯୁଗ୍ମ ମନ୍ଦିର ବରିଷ୍ଠ ସଦସ୍ୟ ରଘୁନାଥ ମେହେର, ବୌଦ୍ଧ ପୋଲିସ ଭୈରବୀ



ସ୍କ୍ୱାଡ଼ ମୁଖ୍ୟ ନିବେଦିତା ରଥ ଓ ସାଥିଗଣ ମଞ୍ଚାସିନ ଥିଲେ। ରାଜ ଦରବାରରେ ନବ କିଶୋର ମେହେର ମଞ୍ଚ ପରିଚାଳନା କରିଥିଲେ।ଏହାପରେ ଓଡ଼ିଶା ଷ୍ଟେଟ ବ୍ରିଗେଡ଼ ସ୍କୁଲ, ଲକ୍ଷ୍ମୀପ୍ରସାଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଜଗତି ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ସଂକୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ରାତ୍ର ୧୦ ଘଣ୍ଟା ସମୟରେ ଗ୍ରାମ୍ୟ କଳାକାରଙ୍କ ଦ୍ୱାରା 'ହେ ମଣିଷ, କାନ୍ଦିବ ଆସ'ମଞ୍ଚସ୍ଥ ହୋଇଥିଲା।

ସକାଳ THE SAKALA


# ମାତୃଭାଷା 'ସମ୍ବଲପୁରୀ' ଲେଖିବାକୁ ଆହ୍ୱାନ

**ବିଜେପୁର, ୨୪।୧(ସମିସ)**



ଚଳିତ ବର୍ଷ ଜନଗଣନା ହେବ। ପଶ୍ଚିମ ଓଡ଼ିଶା ତଥା ନିକଟବର୍ତ୍ତୀ ଅଞ୍ଚଳର ଅଧିବାସୀ ନିଜ ମାତୃଭାଷା ସମ୍ବଲପୁରୀ ବୋଲି ଉଲ୍ଲେଖ କରିବାକୁ ଆହ୍ୱାନ ଦିଆଯାଇଛି। ଏହା ଦ୍ୱାରା ସରକାରଙ୍କ ନିକଟରେ ନିର୍ଭୁଲ ଓ ନିର୍ଦ୍ଦିଷ୍ଟ ତଥ୍ୟ ପହଞ୍ଚି ପାରିବ। ସମ୍ବଲପୁରୀ ଭାଷା ସାମ୍ବିଧାନିକ ମାନ୍ୟତା ପାଇବା ଦିଗ ଉନ୍ମୁକ୍ତ ହେବ। ଦେଢ଼ କୋଟି ଲୋକଙ୍କ ଆଶା ଆକାଂକ୍ଷା ପୂରଣ ହେବ। ବିଜେପୁର ନିକଟସ୍ଥ ପଡ଼ା ଗ୍ରାମରେ ଆୟୋଜିତ ଜାତୀୟ ସମ୍ବଲପୁରୀ ଭେଟଘାଟରେ ଏହି ମତ ପ୍ରକାଶ ପାଇଛି। ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳନ ଅବସରରେ ପଡ଼ା ପ୍ରକାଶ ସାଂସ୍କୃତିକ ସଂସଦର ଆୟୋଜନକ୍ରମେ ମନୋହର ସାଂସ୍କୃତିକ ସଂସଦର ୩୫ତମ ବଛରକିଆ ଉଛବ ତଥା ୫୭ତମ ଜାତୀୟ ସମ୍ବଲପୁରୀ ଭେଟଘାଟ ଅନୁଷ୍ଠିତ ହୋଇଥିଲା। ସଂଗଠକ ଅଶୋକ କୁମାର ପୁଜାହାରୀଙ୍କ ସଭାପତିତ୍ୱ ଓ ଛନ୍ଦକବି ସୁରେଶ ଚନ୍ଦ୍ର ଭୋଇଙ୍କ ସଞ୍ଚାଳନରେ ଅନୁଷ୍ଠିତ ପ୍ରଥମ ଅଧିବେଶନ କବି ସମ୍ମିଳନୀରେ ଅତିଥି ଭାବେ କବି ନିରଞ୍ଜନ ପଣ୍ଡା, ଗୌରଚରଣ ପ୍ରଧାନ, ମୋହନ ସିଂ କନହେଇ, ବିଶିକେଶନ ମେହେର, ସଂଗଠକ ରମେଶ ମହାପାତ୍ର, ହରିଲାଲ ସାହୁ ଓ ସ୍ଥାନୀୟ ସରପଞ୍ଚ ଶ୍ରୀମତୀ ଶୋଭା ମେହେର ଯୋଗ ଦେଇଥିଲେ। କବି କିଶୋର ପାତ୍ର ସ୍ୱାଗତ ସଙ୍ଗୀତ ଗାଇଥିଲେ। ଦିଲ୍ଲୀପ ଦେବତା ଅତିଥି ପରିଚୟ ଦେଇଥିଲେ। ଅଧ୍ୟାପକ ସୁକୁମାର ଭୋଇ ଓ ନାରାୟଣ ଭୋଇ କବିତା ସଂଯୋଜନା କରିଥିଲେ। ଭାଷା ଗବେଷକ ତଥା ମନୋହର ସାଂସ୍କୃତିକ ସଂସଦର ସଭାପତି ଉତ୍ପନ୍ନ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନ ଜୟନ୍ତୀ ପାଳନ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଦୀପ ପଧାନ ସ୍ୱାଗତ ଭାଷଣ ଦେଇଥିଲେ। ତେଜରୁ ବାରିକ ଅତିଥି ପରିଚୟ ଦେଇଥିଲେ। ଉମେଶ ପ୍ରଧାନ ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ଗୁରୁ ଭାଗବତ ପଧାନ, ଉପଦେଷ୍ଟା ନାଟ୍ୟକାର ପ୍ରଫେସର କେଶରଞ୍ଜନ ପ୍ରଧାନ ଓ ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ଅଧ୍ୟାପକ ସୁଶାନ୍ତ ମିଶ୍ର ମଞ୍ଚାସୀନ ଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ନୂଆଦିଲ୍ଲୀ ନୃତ୍ୟାଞ୍ଜଳି ଅନୁଷ୍ଠାନର ନୃତ୍ୟଗୁରୁ ସମାରୁ ମେହେର, ଦିବ୍ୟାଙ୍ଗ କବି ଗୋବିନ୍ଦ ମେହେର, କଳାକାର କିଶୋର ପାତ୍ର, ସଂସ୍କୃତି କର୍ମୀ ଜଗନ୍ନାଥ କୁମ୍ଭାର, ନାଟ୍ୟକାର ରାଜକୁମାର ସାହୁ ଏବଂ ତନୁଶାନ ପରିବାରଙ୍କୁ ସମ୍ମାନିତ କରାଯାଇଥିଲା। କୃତୀ ଛାତ୍ରଛାତ୍ରୀ ତାପସ ପଧାନ, ସ୍ୱସ୍ତିକ ପଧାନ, ଅନ୍ୱେଷ ପଧାନ ଓ ସ୍ନିଗ୍ଧା ପଧାନଙ୍କୁ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହ କବି ସୁଭାଷ ଚନ୍ଦ୍ର ଭୁଏଙ୍କ ଏକପଦୀ କବିତା ସଂକଳନ 'ଭାବ ଅମୃତ' ଏବଂ ଚିତ୍ରଶିଳ୍ପୀ ଗୌରଚରଣ ପ୍ରଧାନଙ୍କ ଦ୍ୱାରା ପ୍ରସ୍ତୁତ ବୀର ମନୋହର ସିଂଙ୍କ ତୈଳ ଚିତ୍ର ଉନ୍ମୋଚିତ ହୋଇଥିଲା। କବି ରାମପ୍ରସାଦ ବାଗ, ବୈରାଗୀ ସାହୁ, ରାଜେଶ କାରିଆ, ମନୋରଞ୍ଜନ ଲୁହା, ମୁନିରାମ କୁମ୍ଭାର, ସୁଶାନ୍ତ ଭୁସାଗର, ରଞ୍ଜିତ ପ୍ରଧାନ, ଦୁର୍ବାଦଳ ମେହେର, ଅହଲ୍ୟା ପ୍ରଧାନ, ସାବିତ୍ରୀ ମେହେର, ଈଶ୍ୱର ମେହେର, ତରଣୀ ପଧାନ, ଯୁବରାଜ ଦୀପ, ମକରଧ୍ୱଜ ସାହୁ, ଅଶ୍ୱିନୀ ସାହୁ, ସୁରେଶ ସାହୁ, ଯୋଗେଶ୍ୱର ତାଣ୍ଡି, ଦୁର୍ଲଭ ଗଡ଼ତିଆ, ଇନ୍ଦ୍ରକୁମାର ବାଦୀ, ରବି ବଗର୍ତ୍ତୀ, କୁମୁଦ ବାରିକ, ନିରଞ୍ଜନ ଥପା, ଭରତ ଧରୁଆ, ଧନେଶ୍ୱର ବିଶି, ମାରଖୁଲୁ ହରିପାଲ, ହୀରା ବଗର୍ତ୍ତୀ, କରନ ବଗର୍ତ୍ତୀ ପ୍ରମୁଖ କବିମାନେ ଯୋଗ ଦେଇଥିଲେ। ତୃତୀୟ ଅଧିବେଶନରେ ପଦ୍ମପୁର ଲୁ ଅନୁଷ୍ଠାନର ନାଟକ 'ଅନ୍ଧାରନୁଁ ଉକିଆ ତକ' ଏବଂ ଭେଡେନ ରାମଲୀଳା ପରିବାର ପ୍ରସ୍ତୁତ ନାଟକ 'ବୀର ମନୋହର ସିଂ' ପ୍ରଦର୍ଶିତ ହୋଇଥିଲା। ସମଲପୁରି ଗୁଛା ତରଫରୁ ମାନସ ଦାଶ ବହି ପସରା ପ୍ରଦର୍ଶନ କରିଥିଲେ। ପଡ଼ା ଗ୍ରାମର ସୁରେଶ ଚନ୍ଦ୍ର ଭୋଇ, ପ୍ରମୋଦ ପଧାନ, ସଦାନନ୍ଦ ପଧାନ, ଡା ଭୋଳାନାଥ ମେହେର, ସୁରେନ୍ଦ୍ର ଦାଶ, ଅକ୍ଷୟ ଦାଶ, ଟିକେଲାଲ ପଧାନ, ସୁମନ୍ତ ପଧାନ, ଛାୟାକାନ୍ତ ଦେବତା, ଅମୀୟ ପ୍ରସାଦ ଭୋଇ ଅନନ୍ତ ପଧାନ ଓ ଗ୍ରାମବାସୀ ସହଯୋଗ କରିଥିଲେ। ଲଳିତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସୁରେନ୍ଦ୍ର ସାଏ, ନେତାଜୀ ଜୟନ୍ତୀ





**ପଦ୍ମପୁର, ୨୪।୧ (ସମିସ):** ପଦ୍ମପୁର ସୈନିକ କଲ୍ୟାଣ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ରାଜବାଟୀ ପରିସରରେ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳନ କରାଯାଇଛି। ସଂଘର ସଭାପତି ରାସବିହାରି ତ୍ରିପାଠୀ ସଭାପତିତ୍ୱ କରିଥିଲେ। ସଂଘର ବରିଷ୍ଠ ସଦସ୍ୟ ଡ. ବାଞ୍ଛାନିଧି ପଣ୍ଡା ଉପସ୍ଥିତ ଥିଲେ। ସଂଘର ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ।

ଝାରବନ୍ଧ: ଝାରବନ୍ଧ ବ୍ଲକ ସରଗୁଲ ଗ୍ରାମର ବୀର ସୁରେନ୍ଦ୍ର ସାଏ କ୍ଲବର ଆୟୋଜନରେ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଛି। ପୂର୍ବତନ ବ୍ଲକ ଅଧ୍ୟକ୍ଷ ହୃଷିକେଶ ବରିହା ସଭାପତିତ୍ୱ କରିଥିଲେ। ଡୋଲାମଣି ନାଏକ, କନ୍ଧାଡଙ୍ଗର ସରପଞ୍ଚ ସୁନିଲ ରାୟ, ଦେବଦତ୍ତ ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରକାଶ ବାଗ ମଞ୍ଚ ପରିଚାଳନା କରିଥିଲେ।

## ବୈଷ୍ଣୋଦେବୀ ମନ୍ଦିରରେ ପ୍ଲାଷ୍ଟିକ୍‌ମୁକ୍ତ ବଣଭୋଜି ସଭା

**ବରଗଡ଼, ୨୪। ୧(ସମିସ):** ତୁରୁଙ୍ଗା ବୈଷ୍ଣୋଦେବୀ ମନ୍ଦିରରେ ପ୍ଲାଷ୍ଟିକମୁକ୍ତ ବଣଭୋଜି ସମ୍ବନ୍ଧୀୟ ଏକ ସଭାର ଆୟୋଜନ ହୋଇଥିଲା। ଏହି ସଭାକୁ ବନାଞ୍ଚଳ ଅଧିକାରୀ ରଞ୍ଜିତ ସିଂହ ବାବୁ ସଭାପତିତ୍ୱ କରିଥିଲେ। ବରଗଡ଼ ବନଖଣ୍ଡ ଅଧିକାରୀ ସରୋଜ ପଣ୍ଡା, ସହକାରୀ ବନ ସଂରକ୍ଷକ ଡ. ହରମୋହନ ରଥ, ବରଗଡ଼ ସେକ୍ସନ ଫରେଷ୍ଟର ସୁଦୀପ୍ତ ରଥ, ଅବସରପ୍ରାପ୍ତ ଶିକ୍ଷକ ଡୋଳାମଣୀ ଶତପଥୀ, ଶ୍ରୀହରି ନଗର ଆଞ୍ଚଳିକ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ବୈଜୟନ୍ତୀ ଦଳପତି, ନୀଳକଣ୍ଠ ସା, ମୀନକେତନ ସାହୁ, ପୁରନ୍ଦର ଭୋସାଗର, ପୂର୍ବତନ ସରପଞ୍ଚ ପୁରନ୍ଦର ସେଠ୍, ତୁରୁଙ୍ଗା ଭିଏସଏସ ସଭାପତି ପ୍ରଶ୍ନ ଭୁଏ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

## ମହିଳା ଆତ୍ମ ସୁରକ୍ଷା ତାଲିମ ଶିବିର

**ବରଗଡ଼, ୨୪। ୧(ସମିସ):** ପଞ୍ଚାୟତ ମହାବିଦ୍ୟାଳୟରେ ମହିଳା ଆତ୍ମସୁରକ୍ଷା ତାଲିମ୍ ଶିବିର ଉଦ୍‌ଘାଟିତ ହୋଇଛି। ଅଧ୍ୟକ୍ଷ ଡ. ନକୁଳ ସେଠ୍, ଅଧ୍ୟାପକ ଶାନ୍ତନୁ ସୁନା ଏହି ତାଲିମ୍ ଶିବିରରେ ଉପସ୍ଥିତ ଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଛନ୍ତି। ସାମ୍ପ୍ରତିକ ସମାଜରେ ମହିଳା ଆତ୍ମ ସୁରକ୍ଷା ତାଲିମ୍‌ର ଆବଶ୍ୟକତା, ଉପଯୋଗିତା, ଗୁରୁତ୍ୱ ଓ ମହତ୍ତ୍ୱ ସମ୍ପର୍କରେ ଉଭୟ କହିଥିଲେ। ଡ. ପୁଷ୍ପିତା ବେହେରାଙ୍କ ତତ୍ତ୍ୱାବଧାନରେ ମାଷ୍ଟର ଟ୍ରେନର ସୁଶ୍ରୀ ପାୟଲ ଶର୍ମା ଓ ସୁଶ୍ରୀ ସୁଜାତା ଭୁଏ ଛାତ୍ରୀଙ୍କୁ ଆତ୍ମ ସୁରକ୍ଷାର କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ଦେଇଛନ୍ତି।

### ସର୍ବଭାରତୀୟ ଗୋଲ୍ଡେନ ଷ୍ଟାର କ୍ରିକେଟ କପ୍‌ର ଚତୁର୍ଥ ଦିବସ

## ସେମିରେ ଭୁବନେଶ୍ୱର




**ଦହିତା, ୨୪।୧ (ସମିସ):** ପଦ୍ମପୁର ନିକଟସ୍ଥ ଖଇରପାଲି ହାଇସ୍କୁଲ ପଡ଼ିଆରେ ଗୋଲ୍ଡେନ ଷ୍ଟାର କ୍ରିକେଟ କ୍ଲବ୍ ପକ୍ଷରୁ ୧୩ତମ ସର୍ବଭାରତୀୟ ଗୋଲ୍ଡେନ ଷ୍ଟାର କ୍ରିକେଟ କପ୍ ଚାଲିଛି। କ୍ୱାର୍ଟର ଫାଇନାଲ ମ୍ୟାଚରେ ପୁରୀକୁ ହରାଇ ଭୁବନେଶ୍ୱର ସେମିଫାଇନାଲରେ ପ୍ରବେଶ କରିଛି। ରାଜୁ ଘିବେଲା, କାଉନସିଲର ପ୍ରିୟରଞ୍ଜନ ଭୋଇ ଅତିଥି ଭାବେ ଯୋଗ ଦେଇଥିଲେ। ସନମ ସାହୁ, ସୁଜିତ୍ ପାଣିଗ୍ରାହୀ, ଉମେଶ ଭୋଇ, ହୋନୁ ଅଗ୍ରୱାଲ, ବୁଦ୍ଧଦେବ ମହାରଣା, କୁମାର ଆନନ୍ଦ ପ୍ରମୁଖ ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ।

## ଦୁର୍ଘଟଣାରେ ଶିକ୍ଷକଙ୍କ ମୃତ୍ୟୁ

**ଭେଡେନ, ୨୪।୧(ସମିସ):** ଭେଡେନ ଥାନା କୁଦୋପାଲି ଗ୍ରାମର ତାଳଶ୍ରୀଗିଡା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ମଧୁସୂଦନ ପାଢ଼ୀ (୫୭)ଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେ ବାଇକ୍‌ରେ ତାଙ୍କ ଗ୍ରାମ କୁଦୋପାଲିରୁ ଭେଡେନ ଆସୁଥିଲେ। ସୁନାଲରମ୍ଭା ପଞ୍ଚାୟତ ଚାରପାଳି ନିକଟ



ବୁଲାଣିରେ ଭାରସାମ୍ୟ ହରାଇ ରାସ୍ତାରେ ପଡ଼ିଯାଇଥିଲେ। ରାସ୍ତାରେ ଯାଉଥିବା ଲୋକେ ତାଙ୍କୁ ଉଦ୍ଧାର କରି ଭେଡେନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ; ହେଲେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବରଗଡ଼ ପଠାଯାଇଥିଲା। ଡାକ୍ତର କିନ୍ତୁ ମୃତ ଘୋଷଣା କରିଥିଲେ।

## ଭାସ୍କର ମହାପାତ୍ରଙ୍କ ଦେହାନ୍ତ

**ବରଗଡ଼, ୨୪।୧(ସମିସ):** ବରଗଡ଼ କଲେକ୍ଟରେଟର ଅବସରପ୍ରାପ୍ତ ମୁଖ୍ୟ କିରାଣି ଭାସ୍କର ମହାପାତ୍ର ଆଉ ନାହାନ୍ତି। ଗୋବିନ୍ଦପାଲିସ୍ଥିତ ବାସଭବନରେ ୮୧ ବର୍ଷ ବୟସରେ ତାଙ୍କର ପରଲୋକ ଘଟିଛି। ସେ ମାସେ



ହେଲା ବାର୍ଦ୍ଧକ୍ୟ ଜନିତ ରୋଗରେ ଶଯ୍ୟାଶାୟୀ ଥିଲେ। ତାଙ୍କ ସମୟର ଜଣେ ପ୍ରଖ୍ୟାତ ଖେଳାଳି ଥିଲେ। ଗୋବିନ୍ଦପାଲିସ୍ଥିତ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମାପନ ହୋଇଥିଲା। ପୁତ୍ର ମଣ୍ଟୁ ମୁଖାଗ୍ନି ଦେଇଥିଲେ।

## ଗଜରାଜ ସିଂ ପୁଟା ଜିଲ୍ଲା କଂଗ୍ରେସ ଆଦିବାସୀ ସେଲ୍ ଅଧ୍ୟକ୍ଷ

**ପଦ୍ମପୁର, ୨୪।୧ (ସମିସ):** ଜାତୀୟ କଂଗ୍ରେସ କମିଟି ତରଫରୁ ଗଜରାଜ ସିଂ ପୁଟାଙ୍କୁ ବରଗଡ଼ ଜିଲ୍ଲା କଂଗ୍ରେସ ଆଦିବାସୀ ସେଲ୍‌ର ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି। ଶ୍ରୀ ପୁଟା ୧୯୮୪ ମସିହାରେ ବରତୁଣ୍ଡା ସରପଞ୍ଚ ଭାବେ ନିଜର ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ସେ ଜାମସେଟ ସେବା ସମବାୟ ସମିତିର ୨ ଥର ନିର୍ଦ୍ଦେଶକ ଭାବେ ମଧ୍ୟ ନିର୍ବାଚିତ ହୋଇଥିଲେ। ଏହା ସହ ୨୦୧୩ ମସିହାରୁ ଦୀର୍ଘ ୭ ବର୍ଷ ଧରି ସେ ପାଇକମାଲ ବ୍ଲକ କଂଗ୍ରେସ ସଭାପତି ଥିଲେ।



## ମେହେର୍ସଙ୍କର ୧୩ତମ ବାର୍ଷିକୋତ୍ସବ




**ବରପାଲି, ୨୪।୧(ସମିସ):** ବରପାଲି ମେହେର୍ସ ପରିବାର ପକ୍ଷରୁ ମେହେର୍ସ ମେଗା ଶୋରୁମର ୧୩ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମେହେର୍ସ ଉତ୍ସବ ଓ ଲକି ଡ୍ର କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ରୀତା ସାହୁ ଯୋଗ ଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିପ୍ଳବୀ ସମ୍ବଲପୁରୀ ହାସ୍ୟ କବି ନିତିଶ୍ ଆଚାର୍ଯ୍ୟ, କବି ଗୋବିନ୍ଦ ମେହେର୍, ବରଗଡ଼ ଧନୁଯାତ୍ରା ମହୋତ୍ସବର କଂସ ଅଭିନେତା ସୁଶୀଲ୍ ମେହେର, ନରେନ୍ଦ୍ର ହୋତା, ଚଳଚ୍ଚିତ୍ର ନିର୍ଦ୍ଦେଶକ ଲିଟୁ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ମେହେର୍ସ ମୁଖ୍ୟ ଅବନୀ ମେହେରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ବିପ୍ଳବୀ କବି ନିତିଶ ଆଚାର୍ଯ୍ୟ, ମଞ୍ଚ କଳାକାର ସୁଶୀଲ ମେହେର, କବି ଗୋବିନ୍ଦ ମେହେର, ବାନ୍ଧଶିଳ୍ପୀ ନମିତା ମେହେର, ପାଟ ବୁଣାକାର ସନ୍ତୋଷ ମେହେର ଓ କର୍ତ୍ତବ୍ୟ ନିଷ୍ଠ, ସଚ୍ଚୋଟତା ପାଇଁ ମେହେର୍ସର ସର୍ବ ପୁରାତନ କର୍ମଚାରୀ ନାରାୟଣ ରାଉତ ପ୍ରମୁଖଙ୍କୁ ମେହେର୍ସ ଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପରେ ବାର୍ଷିକ ଲଟେରୀର ଲକି ଡ୍ର ଉଠାଣ ହୋଇଥିଲା। ପ୍ରଥମ ପୁରସ୍କାର ବାଇକ୍ ବିଜେତା ହୋଇଥିଲେ ସମ୍ବଲପୁର ବୁଢ଼ାରଜାର ଗୁପ୍ତେରାମ ନାୟକ। ଦ୍ୱିତୀୟ ପୁରସ୍କାର ଏୟାର୍ କଣ୍ଡିସନର ବିଜେତା ହୋଇଥିଲେ ବରପାଲି କନବାର ପପୁ ପଧାନ। ତୃତୀୟ ପୁରସ୍କାର ଦୁଇଟି ୱାଟର୍ ପ୍ୟୁରିଫାଏର ବିଜେତା ହୋଇଥିଲେ ସଦାନନ୍ଦ ବାରିକ୍, (ସରଗିପାଲି) ଓ ସୁରେନ୍ଦ୍ର ପଧାନ (ଲକ୍ଷ୍ମୀପୁର, କଳାହାଣ୍ଡି)। ସାନ୍ତ୍ୱନାମୂଳକ ପୁରସ୍କାର ୧୦ଟି ଟେବୁଲ୍ ଫ୍ୟାନ୍‌ର ବିଜେତା ହୋଇଥିଲେ ଆରତି ସାହୁ, ପଞ୍ଚାନନ ଗଡ଼ତିଆ, ମଳୟ ମହାନନ୍ଦ, ତାପସ୍ ଗଡ଼ତିଆ, ଆର୍ କେ ପଧାନ, ମାୟାଧର ସାହୁ, ଦେବାଶିଷ୍ ସାହୁ, ସଞ୍ଜୟ ନାଗ, ଦିନେଶ୍ ଦୀପ, ଅଡବିତ ସାହୁ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ର୍‌ୟାମ୍ପ ଶୋ, ନୃତ୍ୟଗୀତ ଓ ଡ୍ରାମା ହୋଇଥିଲା। ନିତିଶ୍ ଆଚାର୍ଯ୍ୟଙ୍କ ହାସ୍ୟ କବିତା, ଗୋବିନ୍ଦ ମେହେରଙ୍କ କବିତା ପାଠ, ସୁଶୀଲ ମେହେରଙ୍କ ସଂଳାପ ସମସ୍ତଙ୍କ ମନ ଛୁଇଁଥିଲା। ମେହେର୍ସ ମ୍ୟାନେଜର ଧର୍ମରାଜ ସିଂ ବରିହା ମଞ୍ଚ ପରିଚାଳନା ସହ ନାଟକ ନିର୍ଦ୍ଦେଶନା ଦେଇଥିଲେ। କିଶୋର କୁଷ୍ଟା ଲଟେରୀ ଡ୍ର କାର୍ଯ୍ୟ ସମ୍ପାଦନ କରିଥିଲେ। ସୁବର୍ଣ୍ଣ ସାହୁ ସହଯୋଗ କରିଥିଲେ। ମେହେର୍ସ ପରିବାରର ବିଟୁ ମେହେର ନୃତ୍ୟ ଓ ର୍‌ୟାମ୍ପ ନିର୍ଦ୍ଦେଶନା ଦେଇଥିଲେ। ବଳରାମ ରାଉତ, ଦୟା ବିଶି, ରିଙ୍କୁ ସାହୁ, ସୁକାନ୍ତ ପଧାନ ପ୍ରମୁଖ ବିଭିନ୍ନ ଦାୟିତ୍ୱ ନିର୍ବାହ କରିଥିଲେ। ଇଶା ମେହେର ଧନ୍ୟବାଦ ଦେଇଥିଲେ।

## ବାଲି ଚୋରାଚାଲାଣ ନେଇ ତାତିଲେ ଗୁରୁପାଲି ଗ୍ରାମବାସୀ

**ଭେଡେନ, ୨୪।୧(ସମିସ):** ଭେଡେନ ବ୍ଲକ ଗୁରୁପାଲି ଗ୍ରାମବାସୀ ବାଲି ମାଫିଆଙ୍କ ବିରୋଧରେ ଏକାଠି ହୋଇଛନ୍ତି। ଗ୍ରାମବାସୀ ନିକଟସ୍ଥ ଲୁହାଖଣ୍ଡି ବାଲିଘାଟରେ ପହଞ୍ଚିଥିଲେ। ସେଠାରୁ ବେଆଇନ ଭାବେ ବାଲି ନେଉଥିବା ହାଇୱା ଅଟକାଇଥିଲେ। ଜେସିବି ମେସିନ ବନ୍ଦ କରିବାକୁ ଅପରେଟରଙ୍କୁ କହିଥିଲେ। ଅପରେଟର ନ ମାନିବାରୁ ମେସିନ ଆଗରେ ବସିଥିଲେ। ଏଣୁ ବାଧ୍ୟ ହୋଇ ଅପରେଟର ଗାଡି ବନ୍ଦ କରିଥିଲେ। ଲୁହାଖଣ୍ଡି ବାଲିଘାଟରୁ ବେଆଇନ ଭାବେ ବାଲି ଚୋରା ଚାଲଣ ହୋଇ ସରିଯିବା ପରେ ଏବେ ଗୁରୁପାଲି ସୀମା ଭିତରକୁ ପଶି ପ୍ରତିଦିନ ବାଲି ଚୋରା ଚାଲାଣ ହେଉଛି। ପ୍ରତିଦିନ ଶହ ଶହ ହାଇୱାରେ ବାଲି ଚୋରି କରି ମାଫିଆ ବାହାରକୁ ପଠାଉଛନ୍ତି। ଖଣି ବିଭାଗ ଓ ପୁଲିସ ସବୁ ଜାଣି ମଧ୍ୟ ଚୁପ୍। ଅଞ୍ଚଳର କୁଜିନେତା, ନେତା, ବାଲିମାଫିଆ ଓ ପ୍ରଶାସନିକ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ବାଲି ଚୋରା ଚାଲାଣ ହେଉଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ବାଲିଉଠାଣ ଯୋଗୁଁ ଜିରା ନଦୀର ଦିଗ ପରିବର୍ତ୍ତନ କରୁଛି। ଏଣୁ ଯୋଗୁଁ ଉଠାଜଳସେଚନ ବନ୍ଦ ହୋଇଯାଉଛି। ଏହାଫଳରେ ଚାଷ ପ୍ରଭାବିତ ହେଉଛି। ଏଣୁ ଚାଷୀ ପ୍ରତିକ୍ରିୟାଶିଳ ହୋଇ ପ୍ରତିବାଦ କରିଛନ୍ତି। ତେବେ ବାଲି ମାଫିଆ ଗ୍ରାମର ୫ ଜଣଙ୍କ ବିରୋଧରେ ଗାଡ଼ି ଭାଙ୍ଗିଥିବା ନେଇ ଭେଡେନ ଥାନାରେ ମିଛ ଅଭିଯୋଗ କରିଛିନ୍ତି। ଏହାର ପ୍ରତିବାଦରେ ଗ୍ରାମବାସୀ ଥାନାରେ ବସି ରହିଥିଲେ।

# ମହଙ୍ଗା ପଡ଼ିଲା ଶସ୍ତାରେ ସାଇକଲ କିଣା



**ପଦ୍ମପୁର, ୨୪।୧ (ସମିସ)**

### ୬ କେତ୍ରାଙ୍କ ସହ ଚୋର ଗିରଫ

ପଦ୍ମପୁର ସହର ଓ ଆଖପାଖ ଅଞ୍ଚଳରେ ଦୀର୍ଘଦିନ ଧରି ସାଇକଲ ଚୋରି ଘଟଣାରୁ ପରଦା ଉଠିଛି। ଏହି ଘଟଣାରେ ଜଣେ ସାଇକଲ ଚୋର ସହ ଅନ୍ୟ ୬ଜଣ କମ୍ ଦାମ୍‌ରେ ସାଇକଲ କିଣି ଫସିଛନ୍ତି। ତେବେ ଏମାନେ ହେଲେ ମୁଖ୍ୟ ଅଭିଯୁକ୍ତ ବଲ୍ଲଭ ମଟାରୀ (୩୪)। ସେହିଭଳି ସାଇକଲ କିଣି ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ପୂର୍ଣ୍ଣ ଓରଫ ଶ୍ୟାମ ମାହାର(୨୮), ରସିକ ମାହାର(୫୪), ଉସତ ତାଣ୍ଡି(୪୨), ଆନନ୍ଦ ମାହାର(୪୨), ସଦାନନ୍ଦ ଗିରି (୩୨), ସଞ୍ଜୟ ମେହେର(୫୦)। ଏମାନଙ୍କଠାରୁ ୨୪ଟି ଚୋରି ସାଇକଲ ଜବତ ହୋଇଛି। ଗତ ୨୦ ତାରିଖ ମଧ୍ୟାହ୍ନରେ କାଳୀପଡ଼ା ଗ୍ରାମର ଜିତ ପଟେଲଙ୍କ ଘର ପାଚେରି ଡେଇଁ ମୁଖ୍ୟ ଅଭିଯୁକ୍ତ ତାଙ୍କ ଝିଅର ସାଇକଲ ଚୋରି କରି ନେଇଥିଲା। ୨୨ରେ ଅଭିଯୋଗ ପାଇ ପଦ୍ମପୁର ଥାନା ପୁଲିସ ତଦନ୍ତ ଆରମ୍ଭ କରିଥିଲା। ନିକଟସ୍ଥ ସିସିଟିଭି ଫୁଟେଜ ଯାଞ୍ଚ କରିଥିଲା। ଏହାସହ ସ୍ଥାନୀୟ ଲୋକଙ୍କ ସହଯୋଗରେ ଖଇରପାଲି ଗ୍ରାମର ବଲ୍ଲଭ ମଟାରୀଙ୍କୁ ଧରିଥିଲା। ତଦନ୍ତ ସମୟରେ ସେ ପୁଲିସ ଆଗରେ ସାଇକଲ ଚୋରି କରିଥିବା ସ୍ୱୀକାର କରିଥିଲା। ବିଭିନ୍ନ ସ୍ଥାନରୁ ୨୪ଟି ସାଇକଲ ଚୋରି କରି କମ୍ ମୂଲ୍ୟରେ ଖଇରପାଲି ଗ୍ରାମର କିଛି ବ୍ୟକ୍ତିଙ୍କୁ ବିକ୍ରି କରିଥିବା କହିଥିଲା। ଏହାପରେ ପୁଲିସ ସମସ୍ତଙ୍କୁ ବାନ୍ଧିଛି।

## ଜାତୀୟ ବାଳିକା ଦିବସ



**ପଦ୍ମପୁର, ୨୪।୧ (ସମିସ):** ସ୍ଥାନୀୟ ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜାତୀୟ ବାଳିକା ଦିବସ ପାଳିତ ହୋଇଛି। ପଦ୍ମପୁର ଏସଡିଜେଏମ୍ ଧୃବୀ ସୋଲଙ୍କି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ନିରୋଜ ଦୋରା ଏବଂ ଅବସରପ୍ରାପ୍ତ ଶିକ୍ଷକ ବୃନ୍ଦାବନ ଦାଶ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ପହଣ୍ଡି ବିଜୟ ମେହେର ସଭାପତିତ୍ୱ କରିଥିଲେ। ବରିଷ୍ଠ ଶିକ୍ଷକ ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ରବିନା ପଧାନ ସଭା ପରିଚାଳନା କରିଥିଲେ। ପୂଜାରାଣୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ମନୀଷା ଭୋଇ, ବୃନ୍ଦାବତୀ ସାହୁ, ଅମନ ପଣ୍ଡା, ଜ୍ୟୋତିରେଖା ମହାନନ୍ଦ, ପ୍ରଭାତୀ ପଟ୍ଟନାୟକ, ମମତା ମିଶ୍ର, ନିଳୀମାରାଣୀ ମହାନ୍ତି, ସୁଷମା ଦାଶ, ଦୁଷ୍ମନ୍ତ ଛତର, କମଳା କୁମ୍ଭାର, ପ୍ରଭାସିନୀ ସାହୁ ସହଯୋଗ କରିଥିଲେ।

## ଜୟ ଜଗନ୍ନାଥ ସଙ୍ଗୀତ କଳା ପରିଷଦର ବାର୍ଷିକ ଉତ୍ସବ



**ଅମ୍ବାଭୋନା, ୨୪।୧(ସମିସ):** ପ୍ରକାଶପୁରରେ ଜୟ ଜଗନ୍ନାଥ ସଙ୍ଗୀତ କଳା ପରିଷଦର ବାର୍ଷିକ ଉତ୍ସବ ଓ କଳାକାର ସମାବେଶ ଆୟୋଜିତ ହୋଇଯାଇଛି। ଗୌରୀ ସାହୁ, କୁମାର ପଟେଲ, ନରସିଂହ ଦାସ, ଚୈତନ୍ୟ ପଟେଲ, ରାଜ ପାତ୍ର, ହେମସାଗର ତାଣ୍ଡି, ଫାଲଗୁନି ପଣ୍ଡା, ଶ୍ରୀବତ୍ସ ପଶାୟତ, ବିଦ୍ୟାଧର ପଶାୟତ, ମୋତିଲାଲ ସାହୁ, ଲାଲା ସାହୁ, ଲିଙ୍ଗରାଜ ପଟେଲ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ଶିବ ଭୋଇ ସଭାପତିତ୍ୱ କରିଥିଲେ। ଅନୁଷ୍ଠାନର ସମ୍ପାଦକ ରବିଶଙ୍କର ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଥଣ୍ଡାରାମ ପଧାନ ମଞ୍ଚ ପରିଚାଳନା କରିଥିଲେ। ଉମେଶ ଭୋଇ, ସୁବୋଧ ପାତ୍ର, ଗୋପାଳ ନାଏକ, ଲିଙ୍ଗରାଜ ପଟେଲ, ଯୁଧିଷ୍ଠିର ଦେହେରୀ, ଟେକଚାନ୍ଦ ଦେହେରୀ, ଅଲେଖ ଦେହେରୀ, ନାଗାର୍ଜୁନ ସାହୁ ପ୍ରମୁଖ କଳାକାରମାନେ ସଙ୍ଗୀତ ପରିବେଷଣ କରିଥିଲେ।

## ରାଷ୍ଟ୍ରୀୟ ମତଦାତା ଦିବସ ଉପଲକ୍ଷେ ଚିତ୍ରାଙ୍କନ ପ୍ରତିଯୋଗିତା

**ବରଗଡ଼, ୨୪।୧(ସମିସ):** ଅମ୍ବାଭୋନା ବ୍ଲକ ଭୁକ୍ତା ପିଏମ୍ ଶ୍ରୀ ଜନତା ସରକାରୀ ହାଇସ୍କୁଲରେ ରାଷ୍ଟ୍ରୀୟ ମତଦାତା ଦିବସ ଉପଲକ୍ଷେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦୁର୍ଗା ପ୍ରସାଦ ନାୟକଙ୍କ ତତ୍ତ୍ୱାବଧାନ ଓ ଶିକ୍ଷକ ସଞ୍ଜୟ ଖମାରୀଙ୍କ ମାର୍ଗ ଦର୍ଶନରେ ଏହା ଅନୁଷ୍ଠିତ ହୋଇଥିଲା। ଗୀତିକା ସୁନା ପ୍ରଥମ, ପ୍ରିୟଦର୍ଶିନୀ ଦେହେରୀ ଦ୍ୱିତୀୟ ଏବଂ ରୋହିଣୀ ପଧାନ ଓ ସିଦ୍ଧି ନାୟକ ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଚାରକ ଭାବେ ଶିକ୍ଷକ ଅମୂଲ୍ୟ ଭୋଇ ଯୋଗ ଦେଇଥିଲେ। ସୁବାସ ଚନ୍ଦ୍ର ଖମାରୀ, ଅଙ୍କିତ ମହନ୍ତ, ଆଶୁତୋଷ ଭୋଇ, ବୋଧରାମ ବିଶ୍ୱାଳ, ପଦ୍ମଲୋଚନ ବିଶି, ପ୍ରଶାନ୍ତ ମହାପାତ୍ର, ଶିକ୍ଷୟିତ୍ରୀ ରୋଜାଲିନ ଭୋଇ, ସୌଦାମିନୀ ବାରିକ, ରାଜକୁମାରୀ ଭୁଏ, ମନୋଜା ପଟେଲ, ପୁଷ୍ପାଞ୍ଜଳି ପଧାନ ସହଯୋଗ କରିଥିଲେ।



## କୁଲୁଣ୍ଡିରେ ଇନଡୋର ଷ୍ଟାଡିୟମ ଉଦ୍‌ଘାଟିତ

# ଶାରୀରିକ, ମାନସିକ ବିକାଶ ପାଇଁ ଖେଳକୁଦ ଜରୁରୀ: ଧର୍ମେନ୍ଦ୍ର

ସମ୍ବଲପୁର,୨୪।୧(ସମିସ):



ସମ୍ବଲପୁର କୁଲୁଣ୍ଡିସ୍ଥିତ ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ (ଜିସିପିଇ) ପରିସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକ ଅତ୍ୟାଧୁନିକ "ଇନଡୋର ଷ୍ଟାଡିୟମ' ଏବଂ "କର୍ମଚାରୀ ଆବାସ'ର ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନ ପରେ ଶ୍ରୀ ପ୍ରଧାନ ନିଜେ ଇନଡୋର ହଲରେ ବ୍ୟାଡମିଣ୍ଟନ ଖେଳିବା ସହ କ୍ରୀଡ଼ା ପ୍ରଦର୍ଶନ କରି ଉପସ୍ଥିତ ଛାତ୍ରଛାତ୍ରୀ ଓ କ୍ରୀଡ଼ାବିତଙ୍କୁ ଉତ୍ସାହିତ କରିଥିଲେ। ଏହା ସହ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଧ୍ୟାପକମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଖେଳିବ ଭାରତ ତ ବଢ଼ିବ ଭାରତ ସଂକଳ୍ପ ଅନୁଯାୟୀ କେବଳ ପାଠ ପଢ଼ିଲେ ହେବ ନାହିଁ, ଶାରୀରିକ ଓ ମାନସିକ ବିକାଶ ପାଇଁ ଖେଳକୁଦ ମଧ୍ୟ ଅପରିହାର୍ଯ୍ୟ ବୋଲି ଶ୍ରୀ ପ୍ରଧାନ କହିଥିଲେ। ଲୋକାର୍ପିତ ଏହି ଇନଡୋର ଷ୍ଟାଡିୟମ ସ୍ଥାନୀୟ ଅଞ୍ଚଳର ପ୍ରତିଭାବାନ କ୍ରୀଡ଼ାବିତଙ୍କୁ ପ୍ରୋତ୍ସାହିତ କରିବ ଏବଂ ନୂତନ କର୍ମଚାରୀ ଆବାସ ଦ୍ୱାରା ଶିକ୍ଷାଦାନ କାର୍ଯ୍ୟ ଅଧିକ ସୁବ୍ୟବସ୍ଥିତ ହୋଇପାରିବ। ଏକ ସମୀକ୍ଷା ବୈଠକ ହୋଇଥିଲା ଯେଉଁଥିରେ କୁଲୁଣ୍ଡୀ କଲେଜ୍‌ର କିଭଳି ଭାବେ ଆହୁରି ଅଧିକ ବିକାଶ କରିହେବ, ସାମର୍ଥ୍ୟ ୫୦୦ ପର୍ଯ୍ୟନ୍ତବୃଦ୍ଧି କରାଯିବ, ଏଥିରେ ଟ୍ରେନିଂ ଟ୍ରେନର୍ସ ସହ କୋଚ ବିକାଶ ମୂଳକ କାର୍ଯ୍ୟକ୍ରମ କରାଯିବ, ଭିତ୍ତିଭୂମିର ମଧ୍ୟ ବିକାଶ କରାଯିବ, ଏହାକୁ ସ୍ପୋର୍ଟ୍ସ ଏବଂ ଏକାଡେମୀକର ଏକ ବଡ ହବ ଭାବେ ବିକାଶ କରାଯିବା ପାଇଁ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ଉଚ୍ଚଶିକ୍ଷା, କ୍ରୀଡ଼ା ଏବଂ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ପୂର୍ବତନ ବିଧାୟକ ନାଉରି ନାୟକ, ରାଜସ୍ୱ ଉତ୍ତରାଞ୍ଚଳ ବିଭାଗୀୟ ଆୟୁକ୍ତ ସଚିନ ରାମଚନ୍ଦ୍ର ଜାଧବ, ଆଇଜି ଉତ୍ତରାଞ୍ଚଳ ହିମାଂଶୁ ଲାଲ, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୂ ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ ଶିଶୁ କନ୍ୟା ଦିବସ ପାଳିତ



ପାଇକମାଳ,୨୪।୧(ସମିସ): ମାଣ୍ଡୋସିଲ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜାତୀୟ ଶିଶୁ କନ୍ୟା ଦିବସ ପାଳିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋକୁଳାନନ୍ଦ ଡନସନା, ଅନିରୁଦ୍ଧ ପଣ୍ଡା ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ପୋର୍ଟା ମିନତୀ ଟେଟେ ସଭାପତିତ୍ୱ କରିଥିଲେ। ନରହରି ସିଂ ସଭା ପରିଚାଳନା କରିଥିଲେ। ଶିକ୍ଷକ ନୀଳମଣି ବରିହା, ବିକ୍ରମ ସିଂ, ଶଙ୍କରଲାଲ ମହାନନ୍ଦ, ନରେଶ ଧାକଡ୍, କଲ୍ୟାଣୀ ଦନ୍ତା, ସଲୋନୀ ପ୍ରିୟଦର୍ଶିନୀ ସେଠ, ସଂଘମିତ୍ରା ବେହେରା, ପଦ୍ମଲୋଚନ ମାଝୀ, ଚିତ୍ତରଞ୍ଜନ ସାହା, ଅର୍ଜୁନ ଜେନା, ଅଭିଜିତ ରାଏ, ସଦାନନ୍ଦ ଭୋଇ, ସବିତା ସାହୁ, ନୀଳମଣି ପୁଟା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଏଥର ବରଗଡ଼ ମୁଖ୍ୟରାସ୍ତାରେ ସାଧାରଣତନ୍ତ୍ର ଦିବସ

ବରଗଡ଼,୨୪।୧(ସମିସ): ଦିନକ ପରେ ସାଧାରଣତନ୍ତ୍ର ଦିବସ ପାଳିତ ହେବ। ଚଳିତ ବର୍ଷ ପ୍ରଥମ କରି ଭିଏସ୍‌ଏସ ନଗର ଛକରୁ ଗାନ୍ଧୀ ଛକ ମୁଖ୍ୟ ରାସ୍ତା ଉପରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସଲାଙ୍କ ସମେତ ବହୁ ବିଶିଷ୍ଟ ଅଧିକାରୀ ଏ ନେଇ ତଦାରଖ କରୁଛନ୍ତି। ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ମଧ୍ୟ ଶନିବାର ସକାଳୁ ରାସ୍ତା ଉପରେ ପରେଡ ଅଭ୍ୟାସ କରୁଥିବା ଛାତ୍ରଛାତ୍ରୀଙ୍କ ପ୍ୟାରେଡ ଦେଖିଥିଲେ। ଏହି ଅବସରରେ ଜିଲ୍ଲା ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସଞ୍ଜୟ ଶତପଥୀ, ସତ୍ୟନାରାୟଣ ପଣ୍ଡା, ଦେବୀ ପଟ୍ଟନାୟକ, ତୁଳସୀ ଚରଣ ଦାଶ, ସର୍ଦ୍ଦାର ପ୍ରିତମ ସିଂ, ସୁଜିତ ମହାପାତ୍ର, ଯଶୋବନ୍ତ କୁମ୍ଭାର, ସମର ଭଟ୍ଟାଚାର୍ଯ୍ୟ, ସାନୁ ବରିହା, ତୋଫାନ ପ୍ରଧାନ, ମହମ୍ମଦ ଅରସଦ ଖାଁ, ସୁଶାନ୍ତ ଦାଶ ଓ ଜୟ ପ୍ରକାଶ ପଣ୍ଡିତ ପ୍ରମୁଖ ଯୋଗ ଦେଇଥିଲେ।

## ଗଙ୍ଗେଇ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଅମ୍ବାଭୋନା,୨୪।୧(ସମିସ): ଗଙ୍ଗେଇ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ପ୍ରମୋଦ କୁମାର ସାହୁ ସଭାପତିତ୍ୱ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ମିଶ୍ରାଣୀ କୁମ୍ଭାର, ବରଗଡ଼ ପଞ୍ଚାୟତ କଲେଜ ଅଧ୍ୟାପକ କିଶୋର ନାୟକ, ସହ ଶିକ୍ଷା ଅଧିକାରୀ ଲାଲମୋହନ ସିଂହ, ନନ୍ଦିଘୋଷ ଭୁଏ, ଡକ୍ଟର ରାଜ କୁମାର ବଘେଲ, ଉଚ୍ଛବ ଭୁଏ, ଅଚ୍ୟୁତ ନାଏକ, ପୁନିରାମ ଗଣ୍ଡ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ନିହାରିକା ଗହିର, ସୌମ୍ୟା ବଗର୍ତ୍ତି, ପ୍ରିୟଙ୍କା ଗହିର, ପ୍ରକାଶ ସାଇଁ, ସୌରଭ ଗହିର, ଖୁସବୁ ଠେଠୁଆର ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ସମ୍ମାନୀତ କରାଯାଇଥିଲା। ରୋହିତ ଭୁଏଙ୍କ ଲିଖିତ ଏବଂ ନିର୍ଦ୍ଦେଶିତ 'କେତେ ଦୁଃଖ ଦେବୁ ଦେରେ କାଳିଆ' ନାଟକରେ ପିଲାମାନେ ଅଭିନୟ କରିଥିଲେ। କାର୍ଯ୍ୟକ୍ରମରେ ରଶ୍ମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ରୋହିତ ଦୁଆନ, ନିତ୍ୟାନନ୍ଦ ଦୁଆନ, ସୁସାଗର ଭୋଇ, ରାଜିବ ଭୁଏ, ରମେଶ ଦୁଆନ, ସ୍ୱାଧୀନ ଗହୀର, ବଜରଙ୍ଗ ଦୁଆନ, ତ୍ରିନାଥ ଗହିର, ଧନେଶ୍ୱର ଦୁଆନ ପ୍ରମୁଖ ସହଯୋଗ କରିଥିଲେ।

## ରେଙ୍ଗାଲି ହାଇସ୍କୁଲର ବାର୍ଷିକ ଉତ୍ସବ

ଅତାବିରା,୨୪।୧(ସମିସ): ପାହାଡ଼ଶ୍ରୀଗିଡା ପଞ୍ଚାୟତ ରେଙ୍ଗାଲି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ମାଁ ବାଗଦେବୀଙ୍କ ପୂଜା, ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ଜୟନ୍ତୀ ସହିତ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟତ୍ରୀ ପଦ୍ମିନୀ ପ୍ରଭା ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଞ୍ଚଳର ବରିଷ୍ଠ ଶିକ୍ଷକ ଭୋଲାନାଥ ବାରିକ, ସମ୍ମାନିତ ଅତିଥି ଭାବେ ପାହାଡଶ୍ରିଗୀଡା ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ବିଜୟ ଭୋଇ ମଞ୍ଚାସୀନ ଥିଲେ। ଶିକ୍ଷକ ଭବାନୀ ଶଙ୍କର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଚଳିତ ବର୍ଷ ବିଦ୍ୟାଳୟର ଶ୍ରେଷ୍ଠ ଛାତ୍ର ରୂପେ ରୀମା ସାହୁ ପୁରସ୍କୃତ ହୋଇଥିଲେ। ବିଭିନ୍ନ ବିଭାଗରେ ଅନିତା ମାଝି, ତିକେଶ୍ୱର୍ ମଣ୍ଡଳ, ତନୁଶ୍ରୀ ଖଡିଆ, ଆକାଂକ୍ଷା ସାହୁ, ପରୀ ପ୍ରଧାନ ପ୍ରମୁଖ ପୁରସ୍କୃତ ହୋଇଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ସଂଘମିତ୍ରା ବିଶ୍ୱାଳ ଧନ୍ୟବାଦଜ୍ଞାପନ କରିଥିଲେ।



## ବଡ଼ରମା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଜମନକିରା,୨୪।୧(ସମିସ): ବଡ଼ରମା ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜଗଦୀଶ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବରେ ଅବସରପ୍ରାପ୍ତ ଡି ଆଇ ବ୍ରଜକିଶୋର ରାଉତ,ମୁଖ୍ୟ ବକ୍ତା ଭାବରେ ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ସଙ୍ଘର ପ୍ରବକ୍ତା ଡକ୍ଟର ରାଜେନ୍ଦ୍ର କୁମାର ଜଗତ,ସମ୍ମାନୀତ ଅତିଥି ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ସଙ୍ଘର ସଭାପତି ଡ. ବୀରେନ୍ଦ୍ର କୁମାର ପଟେଲ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ନେତ୍ରା ନନ୍ଦ ସାର, ଅବସର ପ୍ରାପ୍ତ ବରିଷ୍ଠ ସହାୟକ ଆନନ୍ଦ ଚନ୍ଦ୍ର ପତି, ସ୍କୁଲ ପରିଚାଳନା କମିଟି ସଭାପତି ମନ୍ଦାକିନୀ ପ୍ରଧାନ , ସମିତି ସଭ୍ୟ ଅଶୋକ ବାଘ ପଞ୍ଚାୟତରାଜ ମନ୍ତ୍ରୀଙ୍କ ପ୍ରତିନିଧି ମନୋଜ କୁମାର ମାଝୀ, ପୂର୍ବତନ ଛାତ୍ର ତଥା ସମ୍ବଲପୁର ଆକାଶବାଣୀର ଆଲୋକ ପ୍ରଧାନ, ଭାରତୀୟ ଜନତା ପାର୍ଟି ପଞ୍ଚାୟତ ସଭାପତି ପ୍ରଶାନ୍ତ କୁମାର ସାହୁ , ସମାଜ ସେବୀ ପ୍ରସନ୍ନ ପଟେଲ। ବାର୍ଷିକ ବିବରଣୀ ପଠନ କରି ଥିଲେ ବିଦ୍ୟାଳୟର ସହକାରୀ ଶିକ୍ଷକ ଆକାଶ କୁମାର ପଟେଲ,ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ସହକାରୀ ଶିକ୍ଷୟିତ୍ରୀ ଶୁଭ୍ରମଲ୍ଲିକା ପଟେଲ, ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ ସହକାରୀ ଶିକ୍ଷୟିତ୍ରୀ ବୀଣାପାଣି ବେରିହା। ସଭା ପରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଶିକ୍ଷକଙ୍କ ସପକ୍ଷରେ ବାହାରିଲେ ଅଞ୍ଚଳବାସୀ



ବରଗଡ଼,୨୪।୧(ସମିସ): ପାଇକମାଳ ବ୍ଲକ୍ ଛେତଗାଁ ଲୋକେ ହାଇସ୍କୁଲର ଖେଳ ଶିକ୍ଷକ ନାରାୟଣ ସାହୁଙ୍କ ସପକ୍ଷରେ ବହାରିଛନ୍ତି। ଶ୍ରୀ ସାହୁଙ୍କ ବିରୋଧରେ ହୋଇଥିବା ଅଭିଯୋଗ ଭିତ୍ତିହିନ ବୋଲି ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟସଭ୍ୟା, ଛାତ୍ରଛାତ୍ରୀ, ଶିକ୍ଷକ, କର୍ମଚାରୀ, ଅଭିଭାବକ ଓ ଅଞ୍ଚଳର ଭଦ୍ରବ୍ୟକ୍ତି ବରଗଡ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁଙ୍କ ନିର୍ଦ୍ଦେଶ କ୍ରମେ ଦାୟିତ୍ୱରେ ଥିବା ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଧେଶ୍ୟାମ ମେହେର ତଦନ୍ତ ପାଇଁ ଯାଇଥିଲେ। ଉପସ୍ଥିତ ଥିବା ସମସ୍ତେ ଶିକ୍ଷକ ଜଣକ ସଚ୍ଚୋଟ ଓ ଶୃଙ୍ଖଳିତ ବୋଲି କହିଥିଲେ। ଚକ୍ରାନ୍ତ କରି ତାଙ୍କୁ ଫସାଇବା ପାଇଁ ।ଯୋଜନା ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି।

## ତାଳଶ୍ରୀଗିଡ଼ାରେ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର

ବରଗଡ଼,୨୪। ୧(ସମିସ): ବରଗଡ଼ ମହିଳା ସମିତି ଏବଂ ସୁନୟନର ମିଳିତ ଆନୁକୂଲ୍ୟରେ ଏକ ନିଃଶୁଳ୍କ ମେଗା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ବ୍ଲକ ତାଳଶ୍ରୀଗିଡ଼ା ଗ୍ରାମରେ ଅନୁଷ୍ଠିତ ଏହି ଶିବିରରେ ୧୦୮ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇ ଔଷଧ ଦିଆଯାଇଥିଲା। ସେମାନଙ୍କ ମଧ୍ୟରୁ ୨୦ ଜଣଙ୍କୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ଚିହ୍ନଟ କରାଯାଇଛି। ୮ ଜଣଙ୍କ ସୁନୟନ କେନ୍ଦ୍ରରେ ଅପରେସନ ମଧ୍ୟ ସମ୍ପନ୍ନ ହୋଇଛି। ଅବଶିଷ୍ଟଙ୍କ ଅପରେସନ ଗୋଟିଏ ସପ୍ତାହ ମଧ୍ୟରେ କରାଯିବ ବୋଲି ସମିତି ପକ୍ଷରୁ ସୂଚନା ଦିଆଯାଇଛି। ଚକ୍ଷୁ ବିଶେଷଜ୍ଞ ଡା. ସୁବଳ କିଶୋର କର ଓ ଡା. ସୁଶୀଲ କର ଚକ୍ଷୁ ପରୀକ୍ଷା କରିଥିଲେ। ଡକ୍ଟର କମଳିନୀ ଶତପଥୀ, ବିଶ୍ୱରାଜନ ଷଡ଼ଙ୍ଗୀ, ବିଶୋକ ଦାଶ, ଦେବାଶିଷ ପାଣିଗ୍ରାହୀ ଓ ରିତିକ ପ୍ରଧାନଙ୍କ ସହାୟତାରେ ଔଷଧ ବଣ୍ଟନ କରାଯାଇଥିଲା। ବରଗଡ଼ ମହିଳା ସମିତିର ସଭାନେତ୍ରୀ ଅଞ୍ଜନା ଦାସ, ମମତା ମିଶ୍ର, ସୁନିତା କରଙ୍କ ନେତୃତ୍ୱରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ମନ୍ଦାକିନୀ ପତି, ରାଧାରାଣୀ ମିଶ୍ର, ହରଜିନ୍ଦର୍ କୌର, ଜୟଶ୍ରୀ ପଣ୍ଡା, ସଂଗୀତା ଗୁପ୍ତା, ଇନ୍ଦ୍ରାଣୀ ଶତପଥୀ, ସଲୋନି ଦାଶ, ପଦ୍ମିନୀ ସାହୁ, ଦିବ୍ୟକାନ୍ତି ଭୋଇ, ବାସନ୍ତୀ ଗଡତିଆ, ଭାଗ୍ୟଲକ୍ଷ୍ମୀ ଦୋରା, ଲକ୍ଷ୍ମୀ ଶତପଥୀ, ଶୈବଳିନି ପଣ୍ଡା, ତନିମା ଦାଶ, ସୁଷମା ପଣ୍ଡା, ସସ୍ମିତା ପଟ୍ଟନାୟକ, ବୀଣାପାଣି ଦାଶ, ସବିତା ଗୁରୁ, ପଦ୍ମିନୀ ପ୍ରଧାନ, ସୁମିତ୍ରା ଦାଶ, ଜୟଗିତା ପଣ୍ଡା, ସୁଜାତା ପ୍ରଧାନ, ଗୀତାଞ୍ଜଳି ପାଣିଗ୍ରାହୀ ପ୍ରମୁଖ ଶିବିର ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ରୀନା ଦାସ, ମନ୍ଦାକିନୀ ପତି, ମମତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।





## ବୈଦିକ ସ୍କୁଲର ସଫଳତା

ବରଗଡ଼,୨୪। ୧(ସମିସ): ରାଉରକେଲା ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିଅମରେ ପ୍ରଥମ ରାଜ୍ୟ ସ୍ପିଣ୍ଟ ସ୍କେଟିଂ ଚମ୍ପିୟାନସିପ -୨୦୨୬ ସ୍ପିଣ୍ଟ ଟୁ ଗ୍ଲୋରି ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରଗଡ ବୈଦିକ ସ୍କୁଲର ୭ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ପଞ୍ଚମ ଶ୍ରେଣୀର ଅର୍ଣ୍ଣବ ପ୍ରଧାନ, ଷଷ୍ଠ ଶ୍ରେଣୀର ଜୟ ଆନନ୍ଦ କୁଅଁର ଓ ନବମ ଶ୍ରେଣୀର ଓଜସ ସହାୟତା ସ୍ୱର୍ଣ୍ଣ ପଦକ ଜିଣିଛନ୍ତି। ବୈଦିକ ଓଡ଼ିଆ ମାଧ୍ୟମ ସ୍କୁଲ ଅଷ୍ଟମ ଶ୍ରେଣୀର ମନୀଷ ପଟେଲ ରୌପ୍ୟ ପଦକ ପାଇଛନ୍ତି। ନବମ ଶ୍ରେଣୀର ଅର୍ମାନ ଭୋଇ ଓ ଆସମାନ ବନଛୋର ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ବୈଦିକ ଗ୍ରୁପର ଚେୟାରମ୍ୟାନ ଆନନ୍ଦ ଅଗ୍ରୱାଲ ଓ ବରଗଡ଼ କ୍ୟାମ୍ପସର ଅଧ୍ୟକ୍ଷା ଗାର୍ଗୀ ଚଟର୍ଜୀ ଏମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।





## ଶ୍ରୀପଞ୍ଚମୀ ଲଗ୍ନରେ ମାଁ ତାରିଣୀ ମନ୍ଦିର ପ୍ରବେଶ

ବିଜେପୁର,୨୪।୧(ସମିସ): ବରଗଡ଼ ଜିଲ୍ଲା ବିଜେପୁରସ୍ଥିତ ଆନନ୍ଦନଗରରେ ପବିତ୍ର ଶ୍ରୀପଞ୍ଚମୀ ତିଥି ଅବସରରେ ନବନିର୍ମିତ ମାଁ ତାରିଣୀ ମନ୍ଦିରକୁ ମାଁ ତାରିଣୀଙ୍କ ସହ ପାଶ୍ୱର୍ ଦେବାଦେବୀ ଓ ବୀର ବଜରଙ୍ଗବଳୀଙ୍କ ବିଗ୍ରହ ଙ୍କ ମନ୍ଦିର ପ୍ରବେଶ କରାଯାଇଛି। ପଣ୍ଡିତଙ୍କ ଦ୍ୱାରା ନୀତିକାନ୍ତି ଓ ଶାସ୍ତ୍ରାନୁସାରେ ପୂଜାର୍ଚ୍ଚନା, ମନ୍ତ୍ରୋଚ୍ଚାରଣ ଓ ବିଧିବଦ୍ଧ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଶାସ୍ତ୍ର ନିର୍ଦ୍ଦେଶିତ ନିର୍ଦ୍ଧାରିତ ସମୟ ଅନୁଯାୟୀ ଦିବା ୪ଟା ୩୦ ମିନିଟ ସମୟରେ ମାଁ ତାରିଣୀ, ପାଶ୍ୱର୍ ଦେବାଦେବୀ ଓ ବୀର ବଜରଙ୍ଗବଳୀଙ୍କ ବିଗ୍ରହକୁ ଭବ୍ୟ ଶୋଭାଯାତ୍ରା ସହ ନବନିର୍ମିତ ମନ୍ଦିର ମଧ୍ୟକୁ ପ୍ରବେଶ କରାଯାଇଥିଲା। ଭକ୍ତମାନଙ୍କ ସୁବିଧା ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ସୁରକ୍ଷା, ପାନୀୟ ଜଳ ଓ ଶୃଙ୍ଖଳା ବ୍ୟବସ୍ଥାକୁ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ସମଗ୍ର ପ୍ରତିଷ୍ଠା ଉତ୍ସବକୁ ସୁଚାରୁ ଓ ସଫଳ ଭାବେ ପରିଚାଳନା କରିବାରେ ମନ୍ଦିର କମିଟିର ସଭାପତି ଜଗଦୀଶ ମହାପାତ୍ର, ସମ୍ପାଦକ ହିମାଂଶୁ ଶେଖର ସାହୁ, କୋଷାଧ୍ୟକ୍ଷ ପ୍ରେମରାଜ ପଟେଲ ସହ ସମସ୍ତ ସଦସ୍ୟ। ଶେଷରେ ସମସ୍ତ ପଣ୍ଡିତଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ସ୍ଥାନୀୟ ପୁଲିସ ଓ କମିଟିର ସଦସ୍ୟଗଣଙ୍କ ମିଳିତ ପ୍ରୟାସରେ ଶାନ୍ତି ଶୃଙ୍ଖଳା ସହକାରେ ପ୍ରତିଷ୍ଠା ମହୋତ୍ସବ ସମାପନ ହୋଇଛି।



## ୨୬ ୟୁନିଟ୍ ରକ୍ତ ସଂଗ୍ରହ



ବରଗଡ଼,୨୪। ୧(ସମିସ): ବରଗଡ଼ କାଳୀ ମନ୍ଦିର ଛକ ପାଖ ମିଟ୍ କମ୍ପ୍ୟୁଟର ଓ ନିଷ୍ଠା ପରିବାରର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ପରମାନନ୍ଦ ରଥ, ମିଟ କମ୍ପ୍ୟୁଟରର ଚେୟାରମ୍ୟାନ ସରୋଜ ମାଝୀ ଯୋଗ ଦେଇ ଏହାର ଶୁଭାରମ୍ଭ କରିଥିଲେ। ୨୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ସିଦ୍ଧାର୍ଥ ବାରିକ ପରିଚାଳନା କରିଥିଲେ। ନିଷ୍ଠା ପରିବାରର ଉପ ସଭାପତି ଆଶିଷ କର ବିବାହ ବାର୍ଷିକୀ ଅବସରରେ ରକ୍ତ ଦାନ କରିଥିଲେ।

## ଜାତୀୟ ସେବା ଯୋଜନାର ଶୀତକାଳୀନ ସ୍ୱତନ୍ତ୍ର ଶିବିର





ପଦ୍ମପୁର,୨୪।୧ (ସମିସ): ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟ ପକ୍ଷରୁ ପୋଷ୍ୟ ଗ୍ରାମ ଚାରପାଲିରେ ଜାତୀୟ ସେବା ଯୋଜନାର ଶୀତକାଳୀନ ସ୍ୱତନ୍ତ୍ର ଶିବିର ଚାଲିଛି। କାର୍ଯ୍ୟକ୍ରମରେ ଡ. ସରୋଜ ନାଏକ, ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶ, ପ୍ରଭାତ ମହାପାତ୍ର, ସଞ୍ଜୟ ତିଗା, ଭୁବନେଶ୍ୱର ବରିହା, ଅଧ୍ୟାପକ ବାଳଗୋପାଳ ମେହେର, ଅଧ୍ୟାପକ ନବକୃଷ୍ଣ ମିଶ୍ର, ଅଧ୍ୟାପକ ସନ୍ତୋଷ ମିଶ୍ର, ବୁନି ସାହୁ ପ୍ରମୁଖ ଯୋଗ ଦେଇଥିଲେ। କିରଣ ବାଗ, ଆଦିତ୍ୟ ବନଛୋର, ରଞ୍ଜନ ପାଣ୍ଡେ, ତନ୍ମୟ ପ୍ରଧାନ, ଭାରତୀ ବେହେରା, ଇତିଶ୍ରୀ ସାହୁ, ଚତୁର୍ଭୁଜ ଦିଶ୍ରୀ ଓ ଗଙ୍ଗାକୁମାରୀ ଖୁଟୁଲା ପ୍ରମୁଖ ସହଯୋଗ କରିଥିଲେ। ସୁରେଶ୍ୱରୀ ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ।

## ଜଗଦଲପୁର ରେଞ୍ଜରେ କେନ୍ଦୁ ଗୋଛା କଟା

ପଦ୍ମପୁର,୨୪।୧(ସମିସ): ପଦ୍ମପୁର କେନ୍ଦୁପତ୍ର ଡିଭିଜନ ଅନ୍ତର୍ଗତ ଜଗଦଲପୁରରେଞ୍ଜ ଅଧିନସ୍ଥ ଲଖମରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସନ୍ନିକଟରେ ବିଭାଗୀୟ ହେଡଚେକରରଙ୍କମଣି ହୋତାଙ୍କ ପୌରୋହିତ୍ୟରେ ପବିତ୍ର ସରସ୍ୱତୀ ପୂଜା ଅବସରରେ କେନ୍ଦୁ ଗୋଛାକଟା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି ।କାର୍ଯ୍ୟକ୍ରମ ଜଗଦଲପୁର ରେଞ୍ଜରରୁପେଶ ସାହୁଙ୍କ ନେତୃତ୍ୱରେ ସମ୍ପନ୍ନ ହୋଇଥିଲା ।ଜଗଦଲପୁରରେଞ୍ଜର ସମସ୍ତ ଫରେଷ୍ଟର, ଫରେଷ୍ଟ ଗାର୍ଡ ଓ ସିଜନାଲ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ମାଣ୍ଡୋସିଲ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଓ ଛିନ୍ଦେଇକେଲା ହାଇସ୍କୁଲର ବାର୍ଷିକ କ୍ରୀଡ଼ା

ପାଇକମାଳ,୨୪।୧(ସମିସ):



ମାଣ୍ଡୋସିଲ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶନିବାର ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାକେନ୍ଦ୍ର ସଭାପତି ଗୋକୁଳାନନ୍ଦ ଡନସନା ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସମ୍ପାଦକ ମହେନ୍ଦ୍ର ଖୁଣ୍ଟିଆ, ଅଧ୍ୟକ୍ଷ ଗଙ୍ଗାଧର ରଣା, ଉପାଧ୍ୟକ୍ଷ ମଳୟ ହଂସ, ତପନ ବହିଦାର, ଅନିରୁଦ୍ଧ ପଣ୍ଡା ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଉତ୍ତମ ରଣା, ମଦନ ଧରୁଆ ଓ ଥବିର ରଣା ଖେଳ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସେହିପରି ଛିନ୍ଦେଇକେଲା ହାଇସ୍କୁଲରେ ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ କାହ୍ନୁଚରଣ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ପରିଚାଳନା କମିଟି ସଭାପତି ସୁରେଶ ସାହୁ ଓ ସମ୍ମାନିତ ଅତିଥି ଭାବେ ରତିକାନ୍ତ ସାହୁ, ଭାଗୀରଥି ଧରୁଆ, ଦିଲ୍ଲୀପ ସାହୁ, ମାଳତୀ କୁଅଁର, ପୁଷ୍ପଲତା ସାହୁ ଯୋଗ ଦେଇଥିଲେ। ଖେଳ ଶିକ୍ଷକ ହେମସାଗର ସାହୁ ଖେଳ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ପ୍ରତିନିଧି ନନ୍ଦୀକିଶୋର ନନ୍ଦ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସିଆରସିସି ସନ୍ତୋଷ ମେହେର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିକ୍ଷକ ଫକୀର ମୋହନ ବାରିକ, ଅଶ୍ୱିନୀ ସାହୁ, ସୁରେନ୍ଦ୍ର ସାହୁ, ଜ୍ୟୋତିରଞ୍ଜନ ପ୍ରଧାନ ପରିଚାଳନା ସହଯୋଗ କରିଥିଲେ। ଶିକ୍ଷକ ଫକୀର ମୋହନ ବାରିକ ଧନ୍ୟବାଦ ଦେଇଥିଲେ।

